# ଗୋ ପାଳନ
# ଓ
# ଦୁଗ୍ଧ ଉତ୍ପାଦନ



SAMUL

omfed


16/03/2011


09/04/2010





# ଗୋ ପାଳନ
# ଓ
# ଦୁଗ୍ଧ ଉତ୍ପାଦନ

SAMUL

ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ
ସମ୍ବଲପୁର

# ସୂଚୀପତ୍ର


| ବିଷୟ | | ପୃଷ୍ଠା |
|---|---|---|
| ୫ | ଗୋ-ପାଳନ | ୧ |
| ୫ | ବିଭିନ୍ନ ପ୍ରକାରର ଗାଈ ଓ ମଇଁଷି | ୩ |
| ୫ | ଉତ୍କୃଷ୍ଟ ଦୁଧିଆଳୀ ଗାଈର ଲକ୍ଷଣ | ୯ |
| ୫ | ଗାଈର ଖାଦ୍ୟ | ୧୨ |
| ୫ | ଗାଈର ଯତ୍ନ | ୧୬ |
| ୫ | ପ୍ରଜନନ | ୨୦ |
| ୫ | ବାଛୁରୀ ପାଳନ | ୨୬ |
| ୫ | ସାଧାରଣ ରୋଗ ଓ ନିରାକରଣ | ୨୮ |
| ୫ | ପ୍ରାଥମିକ ଚିକିତ୍ସାରେ ବ୍ୟବହୃତ ବିଭିନ୍ନ ଔଷଧ ଓ ତାହାର ପ୍ରୟୋଗ | ୩୩ |
| ୫ | ପରିଷ୍କାର ଦୁଗ୍ଧ ଉତ୍ପାଦନ | ୩୭ |
| ୫ | ଗୁହାଳ ଓ ସ୍ୱାସ୍ଥ୍ୟରକ୍ଷା | ୪୧ |
| ୫ | ପଶୁବୀମା | ୪୪ |
| ୫ | ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଘାସଚାଷର ଆବଶ୍ୟକତା | ୪୬ |
| ୫ | ସବୁଜ ଘାସର ଉପାଦେୟତା ଓ ଏହାର ଚାଷ ପ୍ରଣାଳୀ | ୪୮ |
| ୫ | ୟୁରିଆ ଉପଚାରିତ ନଡ଼ା/ପାଳ | ୫୧ |
| ୫ | ୟୁରିଆ ମୋଲାସେସ୍ ବ୍ଲକ୍ | ୫୨ |

# ଗୋ-ପାଳନ

ଆମର ଓଡ଼ିଶା ପ୍ରଦେଶରେ ସ୍ଥାନୀୟ ଗାଈମାନେ ଅନୁନ୍ନତ ଧରଣର । ଏହାଙ୍କ ଆକାର ଛୋଟ ଏବଂ ଦୁଗ୍ଧ ଦେବା କ୍ଷମତା ମଧ୍ୟ ନଗଣ୍ୟ ।

୧୯୩୬ ମସିହାରେ ଓଡ଼ିଶା ତତ୍କାଳୀନ ମାଦ୍ରାସ ପ୍ରେସିଡେନ୍ସି ରାଜତ୍ୱରୁ ବିଚ୍ଛିନ୍ନ ହେବା ପୂର୍ବରୁ ଓଡ଼ିଶା ଭୂଖଣ୍ଡରେ ଘୁମୁସରୀ, ଗୋଟୁ, ଖଡ଼ିଆଳ ଓ ବିଷ୍ଣୁପୁରୀ ଆଦି କିଛି ପ୍ରକାରର ଗୋରୁ ଏବଂ ପାରଳାଖେମୁଣ୍ଡି, ଚିଲିକା ଓ ସମ୍ବଲପୁରୀ ଆଦି କିଛି ମଇଁଷିର ପ୍ରଜାତି ଦେଖିବାକୁ ମିଳୁଥିଲା । ସେ ଗାଈ ମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ଖୁବ୍ କମ୍ । ବଳଦମାନେ ଖର୍ବକାୟ ଏବଂ ସାଧାରଣ କୃଷି ପାଇଁ ନିୟୋଜିତ ହେଉଥାନ୍ତି । ପୁରାତନ କାଳରୁ ଘରେ ଗାଈ ରଖିବାର ପରମ୍ପରା ରହିଆସିଛି ଏବଂ ଯାହାର ବେଶୀ ଗାଈଗୋରୁ ଥିଲା ସେ ସେତେ ଧନୀ ଓ ସମ୍ଭ୍ରାନ୍ତ ହେବାର ମାନ୍ୟତା ପାଉଥିଲା । ସେ ସମୟରେ ଚାରଣ ଭୂମିର ଆଦୌ ଅଭାବ ନଥିଲା ଏବଂ ଗାଈଗୋରୁ ମାନେ ପ୍ରଚୁର ପରିମାଣରେ ସବୁଜ ଘାସ ପାଇପାରୁଥିଲେ । ପାରମ୍ପରିକ ରୀତି ଅନୁସାରେ ନାମମାତ୍ର ବା ବିନା ଅର୍ଥ ବ୍ୟୟରେ ଚାଷୀମାନେ ଅଧିକ ସଂଖ୍ୟକ ଗାଈଗୋରୁ ପାଳନ କରିପାରୁଥିଲେ । ସବୁଜ ପରିବେଶ ଏବଂ ପ୍ରଚୁର ଘାସର ଉପଲବ୍ଧି ସ୍ଥାନୀୟ ପଶୁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଅକ୍ଷୁଣ୍ଣ ରଖିପାରୁଥିଲା । ତତ୍ସଙ୍ଗେ ସଙ୍ଗେ ଚାଷ ଜମିର ଉର୍ବରତା ବଢ଼ାଇବା ପାଇଁ ଗୋବର ଖତ ହିଁ ବ୍ୟବହାର କରାଯାଉଥିଲା ।



ଦେଶୀ ଛୁଡ଼ାମାନେ ସାଧାରଣତଃ ଅଢ଼େଇ ରୁ ତିନି ବର୍ଷ ବୟସରେ ପ୍ରଥମେ ଗରମକୁ ଆସନ୍ତି ଏବଂ ଦ୍ୱିତୀୟ ବାଛୁରୀ ପ୍ରାୟ ଦେଢ଼ ବର୍ଷରୁ ଦୁଇ ବର୍ଷ ପରେ ଜନ୍ମକରନ୍ତି । ପ୍ରତି ବିହାଣରେ ଗୋଟିଏ ଦେଶୀ ଗାଈ ଅତିବେଶୀରେ ୪୦୦ ଲିଟର ରୁ ୫୦୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ

ଦେଇଥାଏ । ଏହି ଗାଈଗୁଡ଼ିକ ସାଧାରଣତଃ ଗୋଠରେ ରୁହନ୍ତି ଏବଂ ଗରମକୁ ଆସିଲେ ଗୋଠରେ ଥିବା ଦେଶୀ ଷଣ୍ଢ ଦ୍ୱାରା ଗର୍ଭବତୀ ହୋଇଥାଆନ୍ତି ।

ସମୟାନୁକ୍ରମେ ଗୋଚର ବା ଚାରଣ ଜମି କମି ଆସିଲା ଏବଂ ଭୂତଳ ଜଳସ୍ତର ତଳକୁ ତଳକୁ ଖସିଚାଲିଲା । ଏହି ପରିପ୍ରେକ୍ଷିରେ ଚାଷୀମାନଙ୍କ ପକ୍ଷରେ ଅଧିକ ଗାଈଗୋରୁ ରଖିବା ପାଇଁ ସମ୍ଭବପର ହେଲାନାହିଁ । ନୂତନ ରାସାୟନିକ ସାରର ଆଗମନ, ଗୋବର ଖତର ଚାହିଦାକୁ ମଧ୍ୟ କମ୍ କରିଦେଲା । ଫଳତଃ ପଶୁପାଳନ ଧୀରେ ଧୀରେ ତାର ଗୁରୁତ୍ୱ ହରାଇଲା ।

ଓଡ଼ିଶାର ପ୍ରଥମ ଲାଟ୍‌ସାହେବ ସାର ଜନ୍ ଅଷ୍ଟିନ୍ ହବାକ୍ ପ୍ରଦେଶର ଅର୍ଥନୀତି ଓ କୃଷିର ଉନ୍ନତି କଳ୍ପେ 'କଟକ ଗୋପ୍ରଜନନ ସମିତି' (ବର୍ତ୍ତମାନର ଉତ୍କଳ ଗୋମଙ୍ଗଳ ସମିତି) ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗଠନ କରି ତାର କାର୍ଯ୍ୟକ୍ରମ ପାଇଁ ସରକାରୀ ଅନୁଦାନର ବ୍ୟବସ୍ଥା କଲେ । କୃଷକକୁ ହଳେ ଭଲ ବଳଦ ଦରକାର ବୋଲି ଅଟକଳ କରି ପ୍ରଥମେ ସମିତି ଓ ଦେଶର ଉତ୍କୃଷ୍ଟ ଉଭୟପଯୋଗୀ ଓ ପ୍ରଦେଶର ଚାଷୀଙ୍କ ମାନସିକ ସ୍ତରରେ ଗ୍ରହଣଯୋଗ୍ୟ ବ୍ରଜଭୂମିର ହରିୟାନା ଜାତିର ଷଣ୍ଢ ଆଣି ଗ୍ରାମାଞ୍ଚଳରେ ଅଗ୍ରଣୀ ଚାଷୀମାନଙ୍କ ଜିମାରେ ଛାଡ଼ି ଗାଈମାନଙ୍କର କ୍ରମୋନ୍ନତିର ବ୍ୟବସ୍ଥା କଲେ । କେତେକ ଜିଲ୍ଲାରେ ଲାଲ ସିନ୍ଧି ଷଣ୍ଢ ମଧ୍ୟ ବ୍ୟବହାର କରାଗଲା । ଏହାମଧ୍ୟରେ ସରକାର ଦେଖିଲେ ଯେ 'କ୍ରମୋନ୍ନତି' ଗୋଟିଏ ଏକ ମନ୍ଥର ପ୍ରକ୍ରିୟା । ଏଣେ ସହରରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଚାହିଦା ବଢ଼ିବାକୁ ଲାଗିଲା । ଭାରତ ସରକାରଙ୍କର ଦୁଗ୍ଧ ବନ୍ୟା ଯୋଜନା ୧୯୮୧ ମସିହାରେ ଓଡ଼ିଶାକୁ ଆସିଲାପରେ ଗ୍ରାମାଞ୍ଚଳରେ ସମବାୟ ଭିତ୍ତିଭୂମିର ପ୍ରତିଷ୍ଠା ହେଲା ଓ ଚାଷୀମାନେ ଦୁଧିଆଳି ଗାଈ ପାଳନ ପାଇଁ ବିଶେଷ ଆଗ୍ରହ ପ୍ରକାଶ କଲେ କାରଣ ବର୍ଷସାରା ଦୁଗ୍ଧ ଚାଷୀ ଏକ ସ୍ୱୀକୃତ ବଜାର ପାଇବା ସଙ୍ଗେ ସଙ୍ଗେ ଦୁଗ୍ଧର ଠିକ୍ ମୂଲ୍ୟ ମଧ୍ୟ ପାଇପାରିଲେ । ଅଧିକରୁ ଅଧିକ ଚାଷୀ ଏହି ସମବାୟ ବଳୟ ମଧ୍ୟକୁ ଆକୃଷ୍ଟ ହେଲେ । ଗ୍ରାମାଞ୍ଚଳରେ ଗୋପାଳନକୁ ସରକାର ପ୍ରୋତ୍ସାହନ ଦେବା ଆରମ୍ଭ କଲେ । ପ୍ରାକୃତିକ ପ୍ରଜନନ ଅପେକ୍ଷା କୃତ୍ରିମ ପ୍ରଜନନରେ କ୍ରମୋନ୍ନତି କ୍ଷିପ୍ର ଏବଂ ଅଧିକ ବିଶ୍ୱସନୀୟ । ଏଣୁ ପ୍ରଥମେ ତରଳ ଶୁକ୍ର ପଦ୍ଧତି ଅନୁସରଣ ଓ କ୍ରମେ ହୀମକୃତ ଶୁକ୍ରର ବ୍ୟବହାର ବହୁଳ ହେଲା ।

ଆମ ରାଜ୍ୟ ଉପକୂଳବର୍ତ୍ତୀ ହୋଇଥିବାରୁ ଓ ଆଦ୍ରତା ଅଧିକ ରହୁଥିବାରୁ ଏବଂ ବର୍ଷରେ ଅଧିକାଂଶ ସମୟ ଉଷ୍ଣତା ୪୦° ସେଲସିୟସ ଠାରୁ ଉର୍ଦ୍ଧ୍ୱରେ ରହୁଥିବାରୁ, ଆମ ଜଳବାୟୁ, ପରିବେଶ,

ଦେଶୀ ଗାଈମାନଙ୍କର ଆକାର ଓ ଚାଷୀର ସାମର୍ଥ ଆଦିକୁ ଦୃଷ୍ଟିରେ ରଖି ଜର୍ସି ଜାତୀୟ ଗାଈକୁ ବଛାଗଲା । କାରଣ ଜର୍ସି ଗାଈର ଦୁଗ୍ଧ ଦେବା କ୍ଷମତା ଖୁବ ଭଲ ଏବଂ ଏହାର ଘିଅ ଅଂଶ ମଧ୍ୟ ଆମ ପସନ୍ଦଯୋଗ୍ୟ । ଆମର ଜଳବାୟୁ ଓ ପ୍ରାକୃତିକ ପରିବେଶ ଓ ତଦନୁଯାୟୀ ଗ୍ରାମାଞ୍ଚଳର ଚାଷୀଙ୍କର ସାମର୍ଥ୍ୟ ଓ ସରକାର ଦତ୍ତ ବୈଷୟିକ ଜ୍ଞାନ କୌଶଳର ସମୟୋପଯୋଗୀ ପ୍ରୟୋଗ ଅଭାବରୁ ଶତକଡ଼ା ୫୦ ଭାଗ ବିଦେଶୀ ରକ୍ତ ଥିବା, ଯଥା, ଜର୍ସି-ନାଲିସିନ୍ଧି, ଜର୍ସି-ସାହିୱାଲ, ଜର୍ସି-ଗିର ବା ଜର୍ସି-ଥରପାରକାର ଆଦି ଷଣ୍ଢ ମାନଙ୍କଠାରୁ ଶୁକ୍ର ସଂଗ୍ରହ କରି ପ୍ରଜନନ ପ୍ରକ୍ରିୟା କରାଗଲା ଏବଂ ଏହାର ପ୍ରସାରରେ ଗ୍ରାମାଞ୍ଚଳରେ ସଙ୍କର ଗାଈର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଲା । ଲୋକମାନେ ଗୋପାଳନ ପ୍ରତି ଅଧିକ ଆଗ୍ରହ ପ୍ରକାଶ କଲେ ।

# ବିଭିନ୍ନ ପ୍ରକାରର ଗାଈ ଓ ମଇଁଷି

ଦୁଗ୍ଧ ଉତ୍ପାଦନ ଓ ଚାଷ କାର୍ଯ୍ୟ ନିମନ୍ତେ ଲୋକମାନେ ଗୋ-ମଇଁଷାଦି ପଶୁମାନଙ୍କୁ ସାଧାରଣତଃ ପାଳନ କରିଥାନ୍ତି । ପଶୁ ପାଳନକୁ ଅଧିକ ଫଳପ୍ରଦ କରିବାକୁ ହେଲେ ଲୋକମାନେ ବିଭିନ୍ନ କିସମର ଗାଈ ଓ ମଇଁଷିମାନଙ୍କ ବିଷୟରେ ଅବଗତ ରହିବା ଏକାନ୍ତ ପ୍ରୟୋଜନ । ଏହି ପରିପ୍ରେକ୍ଷୀରେ ନିମ୍ନରେ ବିଭିନ୍ନ କିସମର ଗାଈ ଓ ମଇଁଷିମାନଙ୍କର ପ୍ରକାର ଭେଦ ବିଷୟରେ ସମ୍ୟକ ଆଲୋଚନା କରାଯାଇଛି । ଗାଈ ମୁଖ୍ୟତଃ ତିନି ପ୍ରକାରର, ଯଥା- (୧) ଦେଶୀ, (୨) ବିଦେଶୀ ଓ (୩) ସଙ୍କର ।

## ୧. ଭାରତୀୟ ଦେଶୀ ଗାଈ

ଆମ ଦେଶର ବିଭିନ୍ନ ଅଞ୍ଚଳରେ ବିଭିନ୍ନ କିସମର ଦେଶୀ ଗାଈ ଦେଖିବାକୁ ମିଳନ୍ତି । ସେମାନଙ୍କର ଶାରୀରିକ ଗଠନ, ଦୁଗ୍ଧ ଉତ୍ପାଦନ କ୍ଷମତା, ଭାରବହନ କ୍ଷମତା ଓ ଶିଙ୍ଗର ଆକୃତି ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ଆମ ଦେଶର ନିଜସ୍ୱ ଗାଈମାନଙ୍କ ବିଷୟରେ ନିମ୍ନରେ ଦର୍ଶାଯାଇଛି ।

ଆମ ରାଜ୍ୟରେ ଦେଖିବାକୁ ମିଳୁଥିବା ଉପ-ଜାତିର ଗାଈଗୁଡ଼ିକ ହେଲେ - ବିଂଝାରପୁରୀ, ଘୁମୁସର ଓ ଖଡ଼ିଆଳ । ଏହି ଉପ-ଜାତିର ଗାଈମାନଙ୍କୁ ବାଦ୍ ଦେଲେ, ଅନ୍ୟ ଯେଉଁ ଗାଈ ସବୁ

ଦୃଷ୍ଟିଗୋଚର ହୁଅନ୍ତି ସେଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ଅଟନ୍ତି । ଆମ ରାଜ୍ୟର ଦେଶୀ ଗାଈଗୁଡ଼ିକ ବାଙ୍ଗରା ଓ ଏମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ଓ କାର୍ଯ୍ୟ କରିବାର ଶକ୍ତି ନିକୃଷ୍ଟ ଧରଣର । ଆମ ରାଜ୍ୟର ଲୋକେ ଲାଭ କ୍ଷତିର ହିସାବ ନକରି ଏହି ଗାଈଗୋରୁମାନଙ୍କୁ ପାରମ୍ପରିକ ରୀତିରେ ପାଳନ କରିଆସୁଛନ୍ତି ।

(କ) **ସିନ୍ଧି :** ଏହି ଗାଈ ଅଧୁନା ପାକିସ୍ଥାନର କରାଚୀ ଓ ସିନ୍ଧ୍ ପ୍ରଦେଶ ଅଞ୍ଚଳରେ ମିଳନ୍ତି । ଏମାନଙ୍କର ରଙ୍ଗ ଲାଲ୍ କିମ୍ବା ଗାଢ଼ ଧୂସର ଓ ଆକୃତିରେ ମଧ୍ୟମ ଧରଣର । ଥରେ ବାଛୁରୀ ଜନ୍ମ କଲେ ଏମାନେ ୧୦ ମାସ ମଧ୍ୟରେ ୧୬୦୦ ରୁ ୧୮୦୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାନ୍ତି । ଏମାନେ ଦିନକୁ ହାରାହାରି ୫ ରୁ ୬ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାନ୍ତି । ନାଲି ସିନ୍ଧି ଷଣ୍ଢ ବ୍ୟବହାର କରାଯାଇ ଆମ ରାଜ୍ୟରେ କ୍ରମୋନ୍ନତ ବାଛୁରୀ କରାଯାଉଥିଲା ।



(ଖ) **ହରିଆନା :** ଏ ଜାତିର ଗାଈ ହରିୟାନା ରାଜ୍ୟରେ ରୋହତକ୍, କର୍ଣ୍ଣାଲ ଓ ହିସାର୍ ଅଞ୍ଚଳରେ ମିଳନ୍ତି । ଏମାନଙ୍କର ରଙ୍ଗ ପ୍ରାୟ ଧଳା କିମ୍ବା ପାଉଁଶିଆ । ଏମାନେ ଆକୃତିରେ ଡେଙ୍ଗା । ଏ ଜାତିର ଗାଈ ବାଛୁରୀ ଜନ୍ମ ପରେ ୧୦ ମାସ ମଧ୍ୟରେ ହାରାହାରି ୧୨୦୦ ରୁ ୧୪୦୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାନ୍ତି ଓ ଏହି ଜାତିର ବଳଦଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ଅଟନ୍ତି ।



(ଗ) **ଜର୍ସେଇ :** ଗୁଜୁରାଟ ରାଜ୍ୟରେ ଏହି ଜାତିର ଗାଈର ଜନ୍ମ । ଏମାନେ ଆକାରରେ ଖୁବ୍ ବଡ଼ ଓ ଓଜନିଆ । ପ୍ରଥମ ଗର୍ଭରେ ଏମାନେ ସାଧାରଣତଃ ମାଇ ବାଛୁରୀ ଜନ୍ମ କରନ୍ତି । ଏମାନେ ଥରେ ବାଛୁରୀ ଦେଲେ ହାରାହାରି ୧୫୦୦ ରୁ ୧୮୦୦ ଲିଟର ଦୁଗ୍ଧ ଦେଇଥାନ୍ତି ।



**(ଘ) ସାହିଓ୍ୟାଲ୍** : ଏହି ଜାତି ଗୋରୁଙ୍କର ଜନ୍ମ ସ୍ଥାନ ପାକିସ୍ଥାନର ମଣ୍ଟଗୋମେରି ଜିଲ୍ଲାରେ । ଭାରତର ଅନେକ ଅଞ୍ଚଳ ଯଥା– ପଞ୍ଜାବ, ଦିଲ୍ଲୀ, ବିହାର ଓ ମଧ୍ୟପ୍ରଦେଶରେ ଏହି ଜାତିର ଉନ୍ନତ ଗୋରୁଗୋଠ ଦେଖାଯାନ୍ତି । ଏହାଙ୍କ ଦେହର ରଙ୍ଗ ଧଳା ମିଶା ଲାଲରୁ ଗାଢ଼ ପିଙ୍ଗଳ ବର୍ଣ୍ଣ । ଏମାନଙ୍କର କମଳ ବେଶ୍ ମୋଟା ଓ ଷଣ୍ଢମାନଙ୍କର ଜନନେନ୍ଦ୍ରିୟ ଉପର ଚମଡ଼ା ବେଶ ମୋଟା । ଏହି ଜାତିର ଗୋରୁ ମାନେ ମଧ୍ୟମ ଆକୃତିର । ବଳଦ ଓ ଷଣ୍ଢଙ୍କ ଓଜନ ୫୦୦ ରୁ ୬୦୦ କେ.ଜି. ପର୍ଯ୍ୟନ୍ତ ହୋଇଥାଏ ଏବଂ ଗାଈ ମାନଙ୍କର ଓଜନ ୪୦୦ ରୁ ୫୦୦ କେ.ଜି. ପର୍ଯ୍ୟନ୍ତ ହୋଇଥାଏ । ପ୍ରତି ବିହାଣରେ ଗୋଟିଏ ଗାଈ ଠାରୁ ୨୨୫୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ମିଳିଥାଏ ।



**(ଙ) ଗିର** : ଏମାନଙ୍କର ବାସସ୍ଥାନ ଗୁଜୁରାଟ ରାଜ୍ୟର ଗିର ପର୍ବତ । ଏମାନେ ମଧ୍ୟମ ଆକୃତିର । ଏମାନଙ୍କ ଦେହର ରଙ୍ଗ ଲାଲ କିମ୍ବା ଧଳା ଦାଗ ଥିବା ଲାଲ । ଏମାନଙ୍କର ମୁହଁ ଓସାରିଆ ଓ ଆଗକୁ ବାହାରି ପଡ଼ିଥାଏ । ଏହି ଜାତିର ଗାଈ ଗୋଟିଏ ବିହାଣରେ ୧୭୦୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ ।



**(ଚ) ଥର୍‌ପାରକର** : ପାକିସ୍ଥାନର ସିନ୍ଧୁ ଅଞ୍ଚଳରେ ଏହି ଜାତୀୟ ଗାଈ ଦେଖାଯାଆନ୍ତି । ଏମାନେ ମଧ୍ୟମ ଆକୃତିର ଏବଂ ଦେହର ରଙ୍ଗ ଧଳା କିମ୍ବା ଇଷତ୍ ପାଉଁଶିଆ ।



## ୨. ବିଦେଶୀ ଗାଈ

ଭାରତୀୟ ଉପମହାଦେଶର ବାହାରେ ଯେଉଁ ଦୁଧିଆଳୀ ଗାଈ ଅଛନ୍ତି ସେଗୁଡ଼ିକୁ ଆମେ ବିଦେଶୀ ଗାଈ କହିଥାଉ । ଏହି ବିଦେଶୀ ଗାଈ ଗୁଡ଼ିକ ହେଲେ – ଜର୍ସି, ହଲ୍‌ଷ୍ଟିନ୍ ଓ ବ୍ରାଉନସ୍ୱିସ୍ ।

(କ) **ଜର୍ସି** : ଆମେରିକାର ନିଉଜର୍ସି ଦ୍ୱୀପରେ ଏହି ଜାତୀୟ ଗାଈର ଉତ୍ପତ୍ତି । ଏମାନଙ୍କର ରଙ୍ଗ ଲାଲ, ଧୂସର ବାଦାମି ବା କଳା ହୋଇଥାଏ । ଏହି ଜାତୀୟ ଗାଈ ଥରେ ବାଛୁରୀ ଜନ୍ମ କଲେ ୩୦୦ ଦିନ ମଧ୍ୟରେ ହାରାହାରି ୩,୦୦୦ ରୁ ୪,୦୦୦ ଲିଟର ଦୁଗ୍ଧ ଦେଇଥାନ୍ତି । ଏହି ଜାତିର ବାଛୁରୀ ୧୪ ରୁ ୧୫ ମାସ ମଧ୍ୟରେ ପ୍ରଜନନକ୍ଷମ ହୋଇ ଗର୍ଭଧାରଣ କରିଥାଆନ୍ତି ।

(ଖ) **ହଲ୍‌ଷ୍ଟିନ୍ ଫ୍ରିଜିଆନ୍** : ଏହି ଜାତିର ଗାଈ ୟୁରୋପର ନେଦରଲାଣ୍ଡ ଅଞ୍ଚଳରେ ମିଳନ୍ତି । ଏମାନଙ୍କର ରଙ୍ଗ କଳା ଧଳା ଛାପଛାପିକିଆ କିମ୍ବା କଳା ହୋଇଥାଏ । ଆକାରରେ ଏମାନେ ଜର୍ସି ଗାଈଠାରୁ ବଡ଼ ହୁଅନ୍ତି । ଥରେ ବାଛୁରୀ ଜନ୍ମ କଲେ ୩୦୦ ଦିନ ମଧ୍ୟରେ ୪୦୦୦ ଲିଟରରୁ ଊର୍ଦ୍ଧ୍ୱ ଦୁଗ୍ଧ ଦେଇଥାନ୍ତି । ଏମାନଙ୍କର ଦୁଗ୍ଧରେ ଲାହୁଣୀ ଅଂଶ ସାଧାରଣତଃ ୩% ରୁ କମ୍ ଥାଏ ।

(ଗ) **ବ୍ରାଉନ୍ ସ୍ୱିସ୍** : ଏହି ଜାତୀୟ ଗାଈ ସୁଇଜର୍‌ଲାଣ୍ଡରେ ଦେଖାଯାଆନ୍ତି । ଏମାନଙ୍କର ରଙ୍ଗ ବାଦାମୀ କିମ୍ବା ପିଙ୍ଗଳ ହୋଇଥାଏ । ଏମାନେ ଜର୍ସି ବା ହଲ୍‌ଷ୍ଟିନ୍ ଗାଈ ଠାରୁ ଅପେକ୍ଷାକୃତ କମ୍ ଦୁଗ୍ଧ ଦେଇଥାନ୍ତି ।

## ୩. ସଙ୍କର ଜାତୀୟ ଗାଈ

ଆମ ଦେଶର ଦେଶୀ ଗାଈମାନଙ୍କ ସହିତ ବିଦେଶୀ ଷଣ୍ଢମାନଙ୍କର ପ୍ରାକୃତିକ କିମ୍ବା କୃତ୍ରିମ ସଙ୍ଗମରୁ ଜନ୍ମ ନେଉଥିବା ଗାଈଗୋରୁ ଗୁଡ଼ିକୁ ଆମେ ସାଧାରଣତଃ ସଙ୍କର ଜାତୀୟ ବୋଲି କହିଥାଉ । ଆମ ରାଜ୍ୟରେ କୃତ୍ରିମ ପ୍ରଜନନ କରାଯାଇ ସଙ୍କର ବାଛୁରୀ ଜନ୍ମ କରାଯାଉଅଛି । ଏହି ପ୍ରଣାଳୀରେ ଆମେମାନେ ସଙ୍କର ଜର୍ସି, ସଙ୍କର ହଲ୍‌ଷ୍ଟିନ୍ ଆଦି ଗାଈ ପାଇପାରୁଛୁ । ଏହି ସଙ୍କର ଗାଈମାନେ ଅଧିକ କ୍ଷୀର ଦିଅନ୍ତି ଓ ଛଡ଼ାମାନେ କମ୍ ବୟସରେ ଅର୍ଥାତ୍ ୧୮ ରୁ ୨୦ ମାସ ମଧ୍ୟରେ ଗର୍ଭଧାରଣ କରନ୍ତି । ଏହି ଜାତୀୟ ଗାଈମାନଙ୍କ ଠାରେ ଆମ ଦେଶୀ ଗାଈର ଗୁଣ ଥିବାରୁ ଏମାନେ ସହଜରେ ରୋଗଗ୍ରସ୍ତ ହୁଅନ୍ତି ନାହିଁ । ତେଣୁ ସଙ୍କର ଗାଈ ପାଳନ ଅଧିକ ଲାଭଜନକ । ଆମ ଦେଶୀ ଗାଈ ଠାରୁ ମଧ୍ୟ ଆମେ ଗୋଟିଏ ସଙ୍କର ଗାଈ ବିନା ମୂଲ୍ୟରେ ପାଇପାରିବା ।

## ମଇଁଷି ମାନଙ୍କର ପ୍ରକାର ଭେଦ

ଭାରତରେ ବହୁ ଉନ୍ନତ ମାନର ମଇଁଷି ଦେଖିବାକୁ ମିଳନ୍ତି । ବିଶେଷତଃ ହରିୟାନା, ରାଜସ୍ଥାନ, ଗୁଜୁରାଟ ଏବଂ ଆନ୍ଧ୍ରପ୍ରଦେଶରେ ଉନ୍ନତ ଜାତିର ଦୁଧିଆଳୀ ମଇଁଷି ଦେଖାଯାଆନ୍ତି । ଏହି ମଇଁଷିମାନଙ୍କ ବିଷୟରେ ସମ୍ୟକ ସୂଚନା ନିମ୍ନରେ ଅବତାରଣା କରାଗଲା ।

**(କ) ମୁରା ଜାତୀୟ ମଇଁଷି** : ଏହି ଜାତିର ମଇଁଷି ଦିଲ୍ଲୀ, ରୋହତକ୍ ଓ ପଞ୍ଜାବ ଅଞ୍ଚଳରେ ମିଳନ୍ତି । ଏମାନଙ୍କର ରଙ୍ଗ ଗାଢ଼ କଳା, ଶିଙ୍ଗ ମୋଡ଼ି ମୋଡ଼ି ହୋଇଥାଏ । ଏମାନେ ହୃଷ୍ଟପୃଷ୍ଟ ହୋଇଥାନ୍ତି ଓ ଅଧିକ ଦୁଗ୍ଧ ଦିଅନ୍ତି । ଆମ ଜିଲ୍ଲାର ଦୁଗ୍ଧ ଉତ୍ପାଦକ ସଂଘ ଏହି ଜାତୀୟ ମଇଁଷି ଷଣ୍ଢ କେତେକ ମଇଁଷି ବହୁଳ ଅଞ୍ଚଳରେ ପ୍ରଜନନ ନିମନ୍ତେ ଦେଇଛନ୍ତି ।



**(ଖ) ସୁର୍ତି ମଇଁଷି** : ଏହି ଜାତୀୟ ମଇଁଷି ଗୁଜରାଟରେ ଦେଖାଯାଆନ୍ତି । ଏମାନଙ୍କର ରଙ୍ଗ ତାମ୍ର ବର୍ଣ୍ଣ ଓ ଏମାନେ ଆକୃତିରେ ଛୋଟ ଏବଂ ଶିଙ୍ଗ ଦା' ପରି ହୋଇଥାଏ । ଆଣ୍ଠୁ ତଳକୁ ଧଳା ରଙ୍ଗ ଥାଏ । ଏମାନେ ମଧ୍ୟ ଅଧିକ କ୍ଷୀର ଦିଅନ୍ତି । ଏହି ଜାତୀୟ ମଇଁଷି କ୍ଷୀରରେ ଅଧିକ ଲହୁଣୀ ଅଂଶ ଥାଏ ।



**(ଗ) ଜାଫ୍ରାବାଦୀ ମଇଁଷି** : ଗୁଜରାଟ ରାଜ୍ୟରେ ଜାଫ୍ରାବାଦ ସହରର ଚତୁଃପାର୍ଶ୍ୱରେ ଥିବା ଗିର୍ ଜଙ୍ଗଲରେ ଏହି ଜାତିର ମଇଁଷି ଦେଖାଯାଆନ୍ତି । ଏମାନେ ମଜବୁତ୍ ଓ ମୋଟା ଏବଂ କପାଳ ଆଗକୁ ବାହାରିବା ପରି ଦେଖାଯାଏ । ଶିଙ୍ଗର ଅଗ୍ରଭାଗ ଉପର ଆଡ଼କୁ ବଙ୍କା ହୋଇଥାଏ । ଦେହର ରଙ୍ଗ କଳା ଅଟେ ।



(ଘ) **ମେହେଶାନା ମଇଁଷି** : ଏହି ଜାତିର ମଇଁଷିଙ୍କ ଜନ୍ମସ୍ଥାନ ଗୁଜରାଟର ମେହେଶାନା ଅଞ୍ଚଳରେ । ସୁର୍ତି ଓ ମୁରା ଜାତୀୟ ମଇଁଷିଙ୍କର ସଙ୍ଗମରେ ଏହି ଜାତିର ମଇଁଷିର ଜନ୍ମ । ଲୋମ ଟାଆଁଶିଆ ଓ ପତଳା ଏବଂ ଦେହର ରଙ୍ଗ କଳା ।



(ଙ) **ନିଲ-ରାଭି** : ପଞ୍ଜାବର ଫିରୋଜପୁର ଅଞ୍ଚଳରେ ଏହି ଜାତିର ମଇଁଷି ଦେଖାଯାଆନ୍ତି । ଏମାନଙ୍କର ରଙ୍ଗ କଳା ଓ ପିଙ୍ଗଳ ବର୍ଣ୍ଣର । କପାଳ, ମୁହଁ, ଗୋଡ଼ ଓ ଲାଙ୍ଗୁଡ଼ରେ ଧଳା ଚିହ୍ନ ଥାଏ ।



(ଚ) **ଭଦୱାରୀ** : ଉତ୍ତର ପ୍ରଦେଶର ଆଗ୍ରା, ଇଟାୱା, ମଧ୍ୟପ୍ରଦେଶର ଗୋଆଲିୟର, ଶିବପୁରୀ ଆଦି ଅଞ୍ଚଳରେ ଏ ଜାତିର ମଇଁଷି ଦେଖାଯାଆନ୍ତି । ଏମାନେ ଆକାରରେ ଛୋଟ ବା ମଧ୍ୟମ ଧରଣର, ରଙ୍ଗ ତାମ୍ର ବର୍ଣ୍ଣ ଓ ପିଙ୍ଗଳ ବର୍ଣ୍ଣର ଲୋମ ଥାଏ ।





# ଉତ୍କୃଷ୍ଟ ଦୁଧିଆଳୀ ଗାଈର ଲକ୍ଷଣ

୧. ମା'ର ଦୁଗ୍ଧ ଦେବା କ୍ଷମତା ଦେଖି ଗାଈ କିଣାଯାଏ । ଯେଉଁ ଗାଈର ମା' ଅଧିକ ଦୁଗ୍ଧ ଦେଉଥାଏ, ତାହାର ମାଇ ଛୁଆ ମଧ୍ୟ ଅଧିକ ଦୁଗ୍ଧ ଦେବା ଆଶା କରାଯାଏ ।

୨. ଭଲ ଦୁଧିଆଳୀ ଗାଈ ବେଶୀ ମୋଟା ହୋଇନଥାଏ । ଏହା ହୃଷ୍ଟପୁଷ୍ଟ, ତେଜିୟାନ୍, ପତଳା ଚମଡ଼ା ଓ କୋମଳ ଲୋମ ବିଶିଷ୍ଟ ହୋଇଥାଏ ।

୩. ଭଲ ଦୁଧିଆଳୀ ଗାଈକୁ, ପଛପଟୁ, କଡ଼ପଟୁ କିମ୍ବା ଉପରପଟୁ ଦେଖିଲେ ଏହା ତ୍ରିକୋଣାକାର ଦିଶେ ।

୪. ଭଲ ଦୁଧିଆଳୀ ଗାଈ ମାରଣା, ନାଡୁଆ ବା ହୁରୁଡ଼ା ନ ହୋଇ ସୁଧାର ହୋଇଥାଏ ।

୫. ଭଲ ଦୁଧିଆଳୀ ଗାଈଗୁଡ଼ିକ ସାଧାରଣତଃ ଆକାରରେ ବଡ଼ ଓ ଆଗଭାଗ ଅପେକ୍ଷା ପଛଭାଗ ଓସାରିଆ ହୋଇଥାଏ ।

୬. ଭଲ ଦୁଧିଆଳୀ ଗାଈର ପହ୍ନା ଆକାରରେ ବଡ଼ ଓ ନରମ ! ହାତକୁ ଟାଣ ଲାଗୁଥିବା ପହ୍ନାରୁ ଅଧିକ ଦୁଗ୍ଧ ମିଳିନଥାଏ ।

୭. ଭଲ ଦୁଧିଆଳୀ ଗାଈର ପହ୍ନାରେ ଥିବା ୪ଟି ଯାକ କୋଠରୀ ସମଭାବରେ ବିକଶିତ ହୋଇଥିବା ଦରକାର । ଯେଉଁ ଗାଈର ପହ୍ନାର କୋଠରୀ ଗୁଡ଼ିକ ବଡ଼ ସାନ ହୋଇଥାଏ, ସେଥିରୁ ଅଧିକ ଦୁଗ୍ଧ ମିଳେନାହିଁ ।

୮. ଭଲ ଦୁଧିଆଳୀ ଗାଈର ଚାରୋଟି ଯାକ ଚିର ଅତି ଛୋଟ ବା ଅତି ବଡ଼ ନହୋଇ ମଧ୍ୟମ ଧରଣର ହୋଇଥାଏ ଓ ପ୍ରତ୍ୟେକ ଚିରରୁ ଦୁଗ୍ଧ ଦାହାରୁଥାଏ ।

୯. ଭଲ ଦୁଧିଆଳୀ ଗାଈର ଦୁଗ୍ଧ ଶିରା ମୋଟା, ଲମ୍ବା ଓ କୁଣ୍ଡୁକୁଣ୍ଡିଆ ଭାବରେ ପେଟ ତଳେ ଗତି କରିଥାଏ ।

୧୦. ଭଲ ଦୁଧିଆଳୀ ଗାଈର ପହ୍ନା ଦୁହିଁ ସାରିବାପରେ ସଙ୍କୁଚିତ ହୋଇଯାଏ ଓ କିଛି ଘଣ୍ଟାପରେ ଦୁଗ୍ଧ ପୁରିପଲେ ଫୁଲିଉଠେ ।

୧୧. ଭଲ ଦୁଧିଆଳୀ ଗାଈଗୁଡ଼ିକ ସାଧାରଣତଃ ଉନ୍ନତ ଜାତିର ହୋଇଥାନ୍ତି ।

୧୨. ଗାଈ କିଣିବା ବେଳେ ଗାଈକୁ ତିନିଓଳି ନିଜ ସାମନାରେ ଦୁହିଁ ଦୈନିକ ହାରାହାରି ଦୁଗ୍ଧ ହିସାବ ବାହାର କରି କିଣିବା ଉଚିତ୍ ।



## ଚେହେରା ଅନୁସାରେ ଗୋରୁ ନିର୍ବାଚନ

ଶରୀରର ଗଠନ ଦେଖି ଗୋଟିଏ ପଶୁର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତା ଜାଣି ହେବ । ଏଥି ସକାଶେ ପଶୁଟିର ଶରୀରର ବିଭିନ୍ନ ଅଂଶକୁ ଭଲ ଭାବରେ ପରୀକ୍ଷା କରାଯିବା ଦରକାର । ନିମ୍ନରେ ଭଲ ଓ ସ୍ୱାସ୍ଥ୍ୟବାନ ପଶୁଟିର ବିଭିନ୍ନ ଅଂଶର ବିବରଣୀ ଦିଆଗଲା । ଯାହା ବିଚାରକୁ ନେଇ ପଶୁଟିଏ ବାଛି ହେବ ।

୧. ଗୋଡ଼ – ଭଲ ଭାବରେ ଚାଲୁଥିବ ଓ ଛୋଟାଉ ନଥିବ ।

୨. ଚର୍ମ ଓ ଲୋମ – ମସୃଣ, ଚିକ୍କଣ ହୋଇଥିବ ଏବଂ ଟିକ୍ କା ଉକୁଣୀ ହୋଇ ନଥିବ ।

୩. ଆଖି – ଉଜ୍ଜ୍ୱଳ ହୋଇଥିବ ଓ ନେଞ୍ଜରା ବୋହୁନଥିବ ।

୪. କାନ – ସବୁବେଳେ ଠିଆହୋଇ ରହିଥିବ ।

୫. ଶିଙ୍ଗ – ମସୃଣ ହୋଇଥିବ ।

୬. ଥୋମଣି – ଓଦାଳିଆ, କଳା ଓ ଥଣ୍ଡା ହୋଇଥିବ ।

୭. ମୁହଁ – ତଳକୁ ଓହଳି ନଥିବ ।

୮. ନାକ ପୁଡ଼ା – ଶିଙ୍ଗାଣି ବୋହୁ ନଥିବ ।

୯. କ୍ଷୁଧା – ସାଧାରଣ ଖାଇବା ଅଭ୍ୟାସ ।

୧୦. ରୋମନ୍ଥନ – ବିଶ୍ରାମ ସମୟରେ ରୋମନ୍ଥନ କରୁଥିବ ।

୧୧. କାନ୍ଧ – ଓସାରିଆ ହୋଇଥିବ ଓ ପଞ୍ଜରା ଅସ୍ଥି ଦେଖାଯାଉ ନଥିବ ।

୧୨. ପାର୍ଶ୍ୱ – ଖାଲୁଆ ଦେଖାଯାଉଥିବ । ଯଦି ପୁରିଯାଇଥିବ, ତେବେ ପେଟରେ ଗ୍ୟାସ୍ କିମ୍ବା ଖାଦ୍ୟଗୁମା ହୋଇଛି ବୋଲି ଜଣାଯିବ ।

୧୩. ଦୁଗ୍ଧଶିରା – ସୁସ୍ପଷ୍ଟ ହୋଇଥିବା ଉଚିତ୍ (ପହ୍ନାର ଆଗରେ) ।

୧୪. ପହ୍ନା – ନରମ ଓ ସ୍ପଞ୍ଜ ପରି ହୋଇଥିବା ଦରକାର । ଟାଣ ହେବା ଅନୁଚିତ ।

୧୫. ଚିର – ପହ୍ନାର ଚାରି କୋଣରେ ଥିବା ଉଚିତ୍ ଏବଂ ନରମ ଓ ମାଂସଳ ହୋଇଥିବା ଦରକାର ।

୧୬. କ୍ଷୀର – ପରିଷାର ହୋଇଥିବା ଦରକାର । ଏଥିରେ ରକ୍ତ, ପୂଜର ଖଦଡ଼ା ଦେଖାଯିବା ଅନୁଚିତ । ଏହା ପରୀକ୍ଷା କରିବା ପାଇଁ ଅଳ୍ପ କେତେ ଟୋପା ଦୁଗ୍ଧକୁ ଗୋଟିଏ କଳା ଓସାରିଆ ବସ୍ତ୍ରରେ ପକାଇଲେ ଯଦି ପହ୍ନା ଫୁଲା ରୋଗ ଥିବ, ତେବେ ଦୁଗ୍ଧରେ ଖଦଡ଼ା ଅଂଶ ଦେଖାଯିବ ।

୧୭. ଯୋନି ଦ୍ୱାର – କୌଣସି ଲାଳ ବାହାରୁ ନଥିବ । ଲାଞ୍ଜୁଡ଼ର ଭିତର ଅଂଶ ଗୋବର ହୋଇ ନଥିବ । ଯଦି ହୋଇଥାଏ ତେବେ ଗାଈ ଦେହରେ କୌଣସି ରୋଗ ହୋଇଥିବାର ସନ୍ଦେହ ହେବ ।

୧୮. ଗୋବର – ଅଧିକ କଠିନ କିମ୍ବା ଅଧିକ ତରଳ ହୋଇ ନଥିବ । ଯଦି ଲାଞ୍ଜୁଡ଼ରେ ଗୋବର ଲାଗିଥାଏ ତେବେ ତରଳ ଝାଡ଼ା ହେଉଛି ବୋଲି ସନ୍ଦେହ ହେବ ।

୧୯. ମୂତ୍ର – ସଫା ହେବା ଉଚିତ୍ । କୁଟା ରଙ୍ଗର ଦେଖାଯିବା ଦରକାର ଓ ଏଥିରେ କୌଣସି ଖଦଡ଼ା ଅଂଶ ନଥିବା ଉଚିତ୍ ।

୨୦. ବିବିଧ – ଦୁଧିଆଳୀ ଗାଈକୁ ତାର ୨ୟ ଛୁଆ ହେବା ପୂର୍ବରୁ କିଣିବା ଉଚିତ୍ । କାରଣ ବୟସ୍କା ଗାଈମାନେ ଅଳ୍ପ ବର୍ଷ ପର୍ଯ୍ୟନ୍ତ ପ୍ରଜନନକ୍ଷମ ରୁହନ୍ତି ।

***ଗୋ-ଜାତି ସର୍ବଲୋକ ମାତା, ଦେବତା ମାନବେ ବନ୍ଦିତା ।***

# ଗାଈର ଖାଦ୍ୟ

ସମସ୍ତ ପ୍ରାଣୀମାନଙ୍କ ପରି ଗାଈ ମଧ୍ୟ ତାର ଜୀବନ ଧାରଣ ପାଇଁ ଖାଦ୍ୟ ଓ ପାନୀୟ ଆବଶ୍ୟକ କରିଥାଏ । ଖାଦ୍ୟ ଦ୍ୱାରା ହିଁ ଗାଈର ଶାରୀରିକ ଅଭିବୃଦ୍ଧି ହୋଇଥାଏ ।

## ଗାଈ ଶରୀରରେ ଖାଦ୍ୟର କାମ କ'ଣ ?

୧. କାର୍ଯ୍ୟ କରିବା ପାଇଁ ଶକ୍ତି ଯୋଗାଏ ।

୨. ଶରୀରର ପେଶୀଗୁଡ଼ିକର ରକ୍ଷଣାବେକ୍ଷଣ ଓ କ୍ଷୟପୂରଣ ପାଇଁ ଖାଦ୍ୟ ସାର ଯୋଗାଇଥାଏ ।

୩. ଏତଦ୍‌ବ୍ୟତୀତ ଶାରୀରିକ ବୃଦ୍ଧି ଦୁଗ୍ଧ ଉତ୍ପାଦନ ଆଦି କାର୍ଯ୍ୟ ଖାଦ୍ୟ ଦ୍ୱାରା ହୋଇଥାଏ । ଖାଦ୍ୟରେ ଥିବା ଭିନ୍ନ ଭିନ୍ନ ଗୁଣକୁ ଆଧାର କରି ଏହାକୁ କେତେଗୁଡ଼ିଏ ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥା- ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଖଣିଜ ଲବଣ ଓ ଖାଦ୍ୟପ୍ରାଣ ବା ଭିଟାମିନ୍ । ଗାଈ ଖାଉଥିବା ଖାଦ୍ୟକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଯଥା- ମୋଟା ରୋଟା ବା ତନ୍ତୁ ବହୁଳ ଗୋ-ଖାଦ୍ୟ ଏବଂ ସୁଷମ ଗୋ-ଖାଦ୍ୟ ।

**ତନ୍ତୁ ବହୁଳ ଗୋ-ଖାଦ୍ୟ :** ଗାଈଗୋରୁ ହେଲେ ତୃଣଭୋଜି । ତେଣୁ ସେମାନେ ନଡ଼ା, ପାଳ, ପତ୍ର, ଲତା ଆଦି ତନ୍ତୁ ବହୁଳ ଖାଦ୍ୟ ଖାଇଥାନ୍ତି । ଗାଈର ରୋମନ୍ଥନ ପ୍ରକ୍ରିୟା ନିମନ୍ତେ ଏହି ଜାତୀୟ ଖାଦ୍ୟ ଆବଶ୍ୟକ । ଗାଈର ପାକସ୍ଥଳୀ ଏ ଜାତୀୟ ଖାଦ୍ୟକୁ ହଜମ କରିବାକୁ ବେଶ୍ ସକ୍ଷମ । ନିଜର ବିଲ ବାଡ଼ିରେ ବର୍ସିମ, ମକା, ନେପିୟର, ବରଗୁଡ଼ି ଆଦି ଘାସ ଚାଷ କରି ଗାଈଙ୍କୁ ଯଥେଷ୍ଟ ପରିମାଣରେ ସବୁଜ ଘାସ ଖାଇବାକୁ ଦେଲେ ସୁଷମ ଖାଦ୍ୟ ବେଶୀ ଦରକାର ପଡ଼ିବ ନାହିଁ । ଚାଷ ଜମିରୁ ମିଳୁଥିବା ନଡ଼ା ବା ପାଳକୁ ୟୁରିଆରେ ଉପଚାରିତ କରି ଗାଈକୁ ଖାଇବାକୁ ଦେଲେ ଉପକାର ମିଳେ । ଅନ୍ୟତ୍ର ଏ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସୁଷମ ଗୋ-ଖାଦ୍ୟ :** ଯେଉଁ ଗୋ-ଖାଦ୍ୟରେ ଆବଶ୍ୟକ ଅନୁପାତରେ ସମସ୍ତ ପ୍ରକାରର ଖାଦ୍ୟସାର ଖଣିଜ ଲବଣ ଓ ଖାଦ୍ୟପ୍ରାଣ ଥାଏ ତାହାକୁ ସୁଷମ ଗୋ-ଖାଦ୍ୟ କୁହାଯାଏ । ଏହି ଖାଦ୍ୟରେ ବିଭିନ୍ନ ପ୍ରକାରର ଶସ୍ୟଦାନା ମିଶିଥାଏ, ଯଥା- କୋଳଥ, ଚୋଜଡ଼, ମକା, ବାଦାମ ପିଡ଼ିଆ, ବଜୁରୀ, କପାମଞ୍ଜି, ବିରି, ବୁଟ, ମାଣ୍ଡିଆ ଓ ଗହମ ଇତ୍ୟାଦି । ଏହି ସୁଷମ ଖାଦ୍ୟରେ ଚାରି ପ୍ରକାରର ଉପାଦାନ ଅଛି ।

୧. ଶସ୍ୟ ଜାତୀୟ ଉପାଦାନ : ମକା, ଗହମ, ଚାଉଳ, ଜୋଆର, ବାଜରା ଆଦି ଶକ୍ତି ଯୋଗାଏ ।

୨. ପିଡ଼ିଆ ଜାତୀୟ ଉପାଦାନ : ବାଦାମ, କପା, ସୋରିଷ, ରାଶି, ସୂର୍ଯ୍ୟମୂଖୀ ଓ ଅଳସି ପିଡ଼ିଆ ଆଦି ପୁଷ୍ଟିସାଧନ କରିଥାଏ ।

୩. କୁଣ୍ଡା ବା ଚୋପା ଜାତୀୟ ଉପାଦାନ : କୁଣ୍ଡା, କାଣ୍ଡିଆ, ଚୋକଡ଼ ତନ୍ତୁ ଜାତୀୟ ଖାଦ୍ୟ ହଜମରେ ସାହାଯ୍ୟ କରେ ।

୪. ଖାଦ୍ୟ ପ୍ରାଣ ଓ ଧାତବ ଲବଣ : ଭିଟାମିନ୍ ଏ, କାଲ୍‌ସିୟମ, ଫସ୍‌ଫରସ ଆଦି ଅଭାବ ପୂରଣ କରେ ।

**ଦୁଧ୍‌ଆଳୀ ଗାଈମାନଙ୍କ ନିମନ୍ତେ ସୁଷମ ଗୋ-ଖାଦ୍ୟ ନିହାତି ଦରକାର ।**

## କେତେ ପରିମାଣରେ ଗୋ-ଖାଦ୍ୟ ଖାଇବା ଦରକାର ?

| ପଶୁ | ଖାଇବା ଦରକାର | ପ୍ରତି ଲି. ଦୁଗ୍ଧ ପିଛା |
|---|---|---|
| ଦେଶୀ ଗାଈ | ୧.୫ କି.ଗ୍ରା. | ୪୦୦ ଗ୍ରାମ୍ |
| ସଙ୍କର ଗାଈ | ୨.୦ କି.ଗ୍ରା. | ୪୫୦ ଗ୍ରାମ୍ |
| ମଇଁଷି | ୨.୪ କି.ଗ୍ରା. | ୫୦୦ ଗ୍ରାମ୍ |

ଉଦାହରଣ ସ୍ୱରୂପ, ଗୋଟିଏ ସଙ୍କର ଗାଈ ୧୦ ଲିଟର କ୍ଷୀର ଦେଉଥିଲେ ଦୁଗ୍ଧ ଉତ୍ପାଦନ ପାଇଁ (୪୫୦ ଗ୍ରାମ୍ x ୧୦) = ୪.୫ କି.ଗ୍ରା + ସ୍ୱାସ୍ଥ୍ୟରକ୍ଷା ପାଇଁ ୨ କି.ଗ୍ରା. ଏପରି ସର୍ବମୋଟ ୬.୫ କି.ଗ୍ରା. ଖାଦ୍ୟ ପ୍ରତିଦିନ ଦେବା ଉଚିତ୍ । ଗର୍ଭବତୀ ଗାଈମାନଙ୍କୁ ଗର୍ଭସ୍ଥ ବାଛୁରୀର ଶାରୀରିକ ବୃଦ୍ଧି ପାଇଁ ଗର୍ଭର ୬ ମାସ ଠାରୁ ଅଧିକ ୧ କି.ଗ୍ରା. ଦାନା ଦେବା ଉଚିତ୍ । ଏହି ଖାଦ୍ୟ ସହିତ ୨୦ କି.ଗ୍ରା. ସବୁଜ ଘାସ ଗାଈମାନଙ୍କୁ ଦେବା ଦରକାର ।

**ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କ ନିମନ୍ତେ ସୁଷମ ଦାନା ପ୍ରସ୍ତୁତ କରି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି । ଏହି ଦାନା ସଙ୍କର ଜାତୀୟ ଦୁଧ୍‌ଆଳୀ ଗାଈମାନଙ୍କ ନିମନ୍ତେ ଏକ ପରିପୂର୍ଣ୍ଣ ଆହାର ।**

## ଗୋରୁଗାଈଙ୍କ ଲାଗି ଶସ୍ତା ଖାଦ୍ୟ

ମଫସଲର ଚାଷୀ ଭାଇଭଉଣୀମାନେ କେବଳ ନଡ଼ା ଖୁଆଇ ଗୋରୁ ଗାଈ ପାଳିଥାନ୍ତି । ମାତ୍ର ନଡ଼ା ଏକପ୍ରକାର ନିକୃଷ୍ଟ ଧରଣର ତନ୍ତୁ ବହୁଳ ଖାଦ୍ୟ ହୋଇଥିବାରୁ ଏହାକୁ ଖାଇବା ଦ୍ୱାରା ଗୋରୁ ଗାଈଙ୍କର ଉପଯୁକ୍ତ ପୁଷ୍ଟି ସାଧିତ ହୁଏ ନାହିଁ । ତେଣୁ ଏହାକୁ ୟୁରିଆ, ଲୁଣ ଓ ଗୁଡ଼ ଉପଚାର ଦ୍ୱାରା ଏହାର ଖାଦ୍ୟଗୁଣ ବଢ଼ାଇ ଖୁଆଯାଇପାରେ ।

ଏହା ଛଡ଼ା ନିମ୍ନପ୍ରକାର ଶସ୍ତା ଖାଦ୍ୟ ଗୋରୁକୁ ଦିଆଯାଇପାରେ ।

**ଆମ୍ବ ଟାକୁଆ :** ଆମ୍ବ ଟାକୁଆରୁ କୋଇଲି ବାହାର କରି ତାକୁ ଶୁଖାଇ ଗୁଣ୍ଡ କରି ଖୁଆନ୍ତୁ । ଦୈନିକ ଅଧକିଲୋ ଗୁଣ୍ଡ ଖୁଆଇଲେ ଦାନାରେ ମକା ମିଶାଇବାକୁ ପଡ଼ିବ ନାହିଁ ।

**ଜାମୁକୋଳି ମଞ୍ଜି :** ଏହାକୁ ଶୁଖାଇ ଗୁଣ୍ଡ କରି ଖୁଆନ୍ତୁ । ଏହାକୁ ମଧ୍ୟ ମକା ବଦଳରେ ଦିଆଯାଇପାରେ ।

**ଚେରୁଟି ମଞ୍ଜି :** ଏହାକୁ ଶୁଖାଇ, ଢ଼େଙ୍କିରେ ଗୁଣ୍ଡ କରି ପାଣିରେ ବତୁରାଇ ଖୁଆନ୍ତୁ । ୧ କିଲୋ ଦାନା ବଦଳରେ ଏଥିରୁ ଏକ କିଲୋ ଦିଆଯାଇପାରେ ।

**ବାବୁଲ ଫଳ :** ଏକଭାଗ ଗୁଣ୍ଡ ବାବୁଲ ଫଳ ସହ ଏକଭାଗ ପିଡ଼ିଆ ମିଶାଇ ଖୁଆନ୍ତୁ । ଏହା ଏକ କିଲୋ ଦାନା ସହ ସମାନ ।

**ବିଲ ଚାକୁଣ୍ଡା ମଞ୍ଜି :** କୋଳଥ, ବୁଟ, ବିରି ବଦଳରେ ପିଡ଼ିଆ ସହ ଖୁଆଯାଇପାରେ । ବିଲ ଚାକୁଣ୍ଡାକୁ ଫୁଲ ଆସିବା ପୂର୍ବରୁ ଖଣ୍ଡି ପକାଇ ଘାସ ଆଚାର (ସାଇଲେଜ୍) କରାଯାଇପାରେ ।

**ମହୁଲ ଫୁଲ :** ୧ କିଲୋ ମହୁଲ ଫୁଲ, ଅଧ କିଲୋ ଦାନା ସହ ସମାନ ।

## ଖରାଦିନେ ସଙ୍କର ଗାଈଗୋରୁଙ୍କ ଯତ୍ନ

- ଖରାଦିନେ ଅଧିକ ଉତ୍ତାପ ଯୋଗୁଁ ସଙ୍କର ଗାଈମାନେ ବେଶୀ କଷ୍ଟ ପାଆନ୍ତି । ସେମାନଙ୍କୁ ଖରାରେ ବୁଲିବାକୁ ଛାଡ଼ନ୍ତୁ ନାହିଁ ।
- ସଙ୍କର ଗୋରୁଗାଈଙ୍କ ଗୁହାଳରେ ଉତ୍ତାପକୁ ୧୫ ରୁ ୨୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ମଧ୍ୟରେ ସୀମିତ ରଖନ୍ତୁ । ଏଥିପାଇଁ ଗୁହାଳର ଝରକା ଓ କବାଟରେ ଅଖା ବାନ୍ଧି ପାଣି ସିଞ୍ଚନ୍ତୁ ।

- ସଙ୍କର ଗାଈକୁ ଦିନରେ ୨ ଥର ଗାଧୋଇ ଦିଅନ୍ତୁ ।
- ଗୁହାଳକୁ ଦିନକୁ ୨/୪ ଥର ସଫା କରନ୍ତୁ ।
- ସଙ୍କର ଗାଈକୁ ଯଥେଷ୍ଟ ପରିମାଣରେ ସବୁଜ ଘାସ ଖୁଆନ୍ତୁ ।



- ବଳଦମାନଙ୍କୁ ଖରାବେଳେ କାମ କରାନ୍ତୁ ନାହିଁ ।
- ଖରାବେଳେ ସଙ୍କର ଗୋରୁକୁ ଗୁହାଳରେ ନବାନ୍ଧି ଗଛ ଛାଇରେ ବାନ୍ଧନ୍ତୁ ।
- ଗୋରୁମାନଙ୍କୁ ସବୁବେଳେ ନିର୍ମଳ ଓ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ ।

## ଖରାଦିନେ କ୍ଷୀରର ଯତ୍ନ

- ଖରାଦିନେ ଦୁଗ୍ଧ ବୋତଲକୁ ଓସାରିଆ ପାଣି ପାତ୍ର ଭିତରେ ରଖନ୍ତୁ । ତା' ଉପରେ ଗୋଟିଏ ସଫା କନା ଘୋଡ଼ାଇ ଦିଅନ୍ତୁ ।
- ଗୋଟିଏ ଓସାରିଆ ପାତ୍ରରେ ଦୁଗ୍ଧ ରଖି ତହିଁରେ ଗୋଟିଏ ପତଳା କନା ଘୋଡ଼ାଇ ଦେଲେ ଜଳର ବାଷ୍ପୀକରଣ ପ୍ରକ୍ରିୟା ଅନୁସାରେ ଦୁଗ୍ଧ ଥଣ୍ଡା ରହିବ ।
- ପୂର୍ବ ଦିନର ଦୁଗ୍ଧ ସହ ସଦ୍ୟ ଦୁଗ୍ଧ ମିଶାନ୍ତୁ ନାହିଁ ।
- ଅଳ୍ପ କ୍ଷୀର ଥିଲେ ଫ୍ରିଜ୍‌ରେ ରଖନ୍ତୁ ।

***ଗାଈ ନ ରଖେ କାହା ଋଣ, ଶୁଝଇ ଦଶ ଶତ ଗୁଣ ।***

# ଗାଈର ଯତ୍ନ

## ଗାଈର ଯତ୍ନ

ଗାଈଟିର ଦୁଗ୍ଧ ଦେବାର କ୍ଷମତା ଦୁଇଟି କାରଣ ଉପରେ ନିର୍ଭର କରେ । ଗୋଟିଏ ହେଲା ଗାଈକୁ ଜନ୍ମ ଦେଇଥିବା ଷଣ୍ଢର ମା' ଏବଂ ଗାଈର ମା'ର ଦୁଗ୍ଧ ଦେବାର କ୍ଷମତା, ଯାହାକି ଗାଈ ପାଖକୁ ଆପେ ଆପେ ଜନ୍ମରୁ ହିଁ ଆସିଥାଏ । ଅନ୍ୟ କାରଣଟି ହେଲା ଗାଈର ଲାଳନ ପାଳନ । ଦୁଗ୍ଧ ଦେବାର କ୍ଷମତା ବହନ କରି ମାଈ ବାଛୁରୀ ଜନ୍ମ ନେଇସାରିବା ପରେ ତାହାର ଲାଳନ ପାଳନ, ଖାଦ୍ୟପେୟ, ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ଯଦି ସୂଚାରୁ ରୂପେ କରାଯାଏ ତାହେଲେ ବାଛୁରୀଟି ଗାଈ ହେଲାପରେ ଆଶାମୁତାବକ ଦୁଗ୍ଧ ଦେଇଥାଏ । ତେଣୁ ଆମର ଚାଷୀ ଭାଇମାନେ ଯଦି ଗାଈ ଏବଂ ବାଛୁରୀମାନଙ୍କର ଲାଳନ ପାଳନ ବ୍ୟବସ୍ଥା ଠିକ୍ ଭାବରେ କରନ୍ତି ତେବେ ନିଶ୍ଚିତ ଭାବରେ ବହୁତ ପରିମାଣରେ ଦୁଗ୍ଧ ପାଇପାରିବେ । ଗାଈମାନଙ୍କର ଯତ୍ନକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଯଥା- ଗର୍ଭବତୀ ଗାଈର ଯତ୍ନ ଓ ଦୁଧିଆଳୀ ଗାଈର ଯତ୍ନ ।

## ୧. ଗର୍ଭବତୀ ଗାଈର ଯତ୍ନ

(କ) ପ୍ରଜନନର ୩ ମାସ ପରେ ଗାଈର ଗର୍ଭଧାନ ହୋଇଛି କି ନାହିଁ ଜାଣିବା ଲାଗି ଗାଈକୁ ପଶୁ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ ।

(ଖ) ଗର୍ଭବତୀ ଗାଈକୁ ସିମେଣ୍ଟ ପଲସ୍ତରା ହୋଇଥିବା ଚଟାଣ କିମ୍ବା ଖସଡ଼ା ଜାଗାରେ ବାନ୍ଧନ୍ତୁ ନାହିଁ । କାରଣ ଗୋଡ଼ ଖସିଗଲେ ଗାଈର ଗର୍ଭ ନଷ୍ଟ ହୋଇଯିବାର ଭୟ ଅଛି ।

(ଗ) ଗର୍ଭବତୀ ଗାଈ ପକ୍ଷରେ ନୀଚା ବାଡ଼ ତଳେ ଗଳିବା କିମ୍ବା ଉଚ୍ଚ ବାଡ଼ ଡେଇଁବା କ୍ଷତିକାରକ । ଜୋର୍‌ରେ ଦୌଡ଼ାଦୌଡ଼ି କଲେ କିମ୍ବା ଗରମରେ ଥିବା ଗାଈମାନଙ୍କ ଉପରେ ଚଢ଼ିଲେ ଗର୍ଭସ୍ଥ ଭ୍ରୂଣର ସ୍ଥାନଚ୍ୟୁତ ହୋଇ ନଷ୍ଟ ହୋଇଯିବାର ଆଶଙ୍କା ଥାଏ ।

(ଘ) କୌଣସି କାରଣରୁ ଗାଈ ଡ଼ରିଲେ କିମ୍ବା ଚମକିଲେ ଗର୍ଭ ନଷ୍ଟ ହୋଇଯିବାର ଆଶଙ୍କା ଥାଏ । ତେଣୁ ଗର୍ଭବତୀ ଗାଈକୁ ବାହାରର ଭୟ ବା ଆଶଙ୍କାରୁ ଦୂରେଇ ରଖିବା ଭଲ ।

(ଡ) ଗର୍ଭବତୀ ଗାଈକୁ ପରିଷାର ପରିଚ୍ଛନ୍ନ ରଖିବା ଉଚିତ୍ । ଗର୍ଭସ୍ଥ ଭ୍ରୂଣ ଲାଗି ଏହା ମଙ୍ଗଳଦାୟକ ।

(ଚ) ଗାଈକୁ ଦିନରାତି ଖୁଣ୍ଟରେ ନବାନ୍ଧି, ଅଳ୍ପ ସମୟ ପାଇଁ ଚଲାବୁଲା କରାଇବା ଭଲ । ମାତ୍ର ସାଧାରଣ ଗାଈ ପରି ଗୋରୁପଲାରେ ଛାଡ଼ିବା ଆଦୌ ଉଚିତ୍ ନୁହେଁ । ଖାଇ, ଢ଼ିପ, ଟାଙ୍ଗରରେ ଦୌଡ଼ିଲେ ବେଳେବେଳେ ଗର୍ଭସ୍ଥ ଭ୍ରୂଣର ସ୍ଥାନଚ୍ୟୁତି ଘଟେ ଓ ତା'ର ଅଙ୍ଗ ପ୍ରତ୍ୟଙ୍ଗ ଏପରି ଭାବରେ ମୋଡ଼ି ହୋଇ ରହିଯାଏ ଯେ, ପ୍ରସବ ସମୟରେ ଜରାୟୁ ପଦାକୁ ବାହାରିଯିବା ସହିତ ପ୍ରସବ କଷ୍ଟସାଧ୍ୟ ହୋଇପଡ଼େ ।

(ଛ) ପ୍ରସବର ଦୁଇ ମାସ ପୂର୍ବରୁ ଗାଈ ଖାଉଥିବା ଦାନାର ପରିମାଣ ଧୀରେ ଧୀରେ ବଢ଼ାଇବା ସହିତ କଞ୍ଚାଘାସ, ଖଣିଘାସ ଓ ଆବଶ୍ୟକତା ଅନୁଯାୟୀ ପିଇବା ପାଣି ଯୋଗାଇ ଦେବା ଉଚିତ୍ । ସୁଷମ ଖାଦ୍ୟର ଅଭାବ ହେଲେ ବାଛୁରୀ ନିର୍ଜିବ ହୋଇପଡ଼େ ।

(ଜ) ଗର୍ଭସ୍ଥ ଭ୍ରୂଣର ଦେହ ବୃଦ୍ଧି ଲାଗି ଅଧିକ ଖଣିଜ ଲବଣ ଆବଶ୍ୟକ । ଏଣୁ ପ୍ରତ୍ୟେକ ଦାନା ସହିତ ଖଣିଜ ଲବଣ ମିଶାଇ ଦେବା ଭଲ । ଖଣିଜ ସାର ଅଭାବରୁ ଗର୍ଭସ୍ଥ ବାଛୁରୀ ରୁଗ୍ଣ ଓ ବିକଳାଙ୍ଗ ହେବାର ଭୟ ଥାଏ ।

(ଝ) ଗର୍ଭବତୀ ଗାଈକୁ ସାହାଣ, ବଜବଜିଆ, ଗୋବସନ୍ତ ଓ ଫାଟୁଆ ଇତ୍ୟାଦି ରୋଗର ପ୍ରତିଷେଧକ ଟୀକା ଦିଅନ୍ତୁ ନାହିଁ । କାରଣ, ଏହାଦ୍ୱାରା ଗର୍ଭ ନଷ୍ଟ ହେବାର ଭୟ ଥାଏ ।

(ଞ) ସୁଦକ୍ଷ ପଶୁଚିକିତ୍ସକଙ୍କ ପରାମର୍ଶ ବିନା ଗର୍ଭବତୀ ଗାଈକୁ କୌଣସି କୃମି ଔଷଧ ଦିଅନ୍ତୁ ନାହିଁ । କାରଣ ଅନେକ କୃମି ନାଶକ ଔଷଧ ଗର୍ଭସ୍ଥ ଭ୍ରୂଣର କ୍ଷତି କରେ ।

(ଟ) ଗାଈ କ୍ଷୀର ଦେଉଥିଲେ ଜନ୍ମ କରିବାର ୨ ମାସ ପୂର୍ବରୁ ଦୁଗ୍ଧ ଛଡ଼ାଇଦେବା ଉଚିତ୍ । ତା' ନହେଲେ ପରବର୍ତ୍ତୀ ଦୁହାଁଳିଆ ସମୟରେ ତାର ଦୁଗ୍ଧ ଦେବା କ୍ଷମତା କମିଯାଏ ।

(ଠ) ଗର୍ଭଧାରଣ କରିବାର ୭ ମାସ ହୋଇଗଲେ ଗାଈଟିକୁ ଅଲଗାକରି ରଖିବା ଉଚିତ୍ । କାରଣ ମାରଣା ଗୋରୁମାନଙ୍କ ଦ୍ୱାରା ଅନେକ ସମୟରେ ଗର୍ଭବତୀ ଗାଈ ଆହତ ହୁଏ କିମ୍ବା ଠେଲାପେଲାରେ ଗର୍ଭସ୍ଥ ବାଛୁରୀର କ୍ଷତି ହୁଏ ।

(ଡ଼) ଗାଈ ଜନ୍ମ କରିବାର ସ୍ଥାନ ପୂର୍ବରୁ ନିର୍ଦ୍ଧାରଣ କରାଯାଇ ସଫା ସୁତୁରା ଓ ବିଶୋଧିତ କରିବା ଉଚିତ୍ । କୌଣସି କାରଣବଶତଃ ଗାଈଟି ଜନ୍ମ ନ କରିପାରିଲେ ନିକଟସ୍ଥ ପଶୁ ଚିକିତ୍ସକଙ୍କର ସାହାଯ୍ୟ ନେବା ଉଚିତ୍ ।

## ୨. ଦୁହାଁଳିଆ ଗାଈର ଯତ୍ନ

(କ) ବାନ୍ଧୁରୀ ଜନ୍ମ ହୋଇସାରିବା ପରେ, ଗାଈର ପରିସ୍ରା ଦ୍ୱାର ତଳିପେଟ, ପଛ ଗୋଡ଼ ଓ ଲାଞ୍ଜକୁ ପଟାସିୟମ ପରମାଙ୍ଗାନେଟ୍ କିମ୍ବା ନିମ୍ବ ପତ୍ର ପଡ଼ିଥିବା ଉଷୁମ ପାଣିରେ ପରିଷ୍କାର ଭାବେ ଧୋଇ ପୋଛି ଦିଅନ୍ତୁ ।

(ଖ) ଗାଈଟି ଜନ୍ମ କରିବାର ପରେ ପରେ ଉଷୁମ ପେଜ, ଗହମ ଖଦଡ଼ା କିମ୍ବା ଚାଉଳ ଖଦଡ଼ାକୁ ସିଝାଇ ଉଷୁମ ଅବସ୍ଥାରେ ଅଳ୍ପ ଅଳ୍ପ ଖାଇବାକୁ ଦିଅନ୍ତୁ । ପୁନଶ୍ଚ ଗାଇକୁ ଉଷୁମ ସେକ ଦେଲେ ଗାଈ ସନ୍ନିପାତରୁ ରକ୍ଷାପାଏ ।

(ଗ) ଗାଈ ଜନ୍ମ କରିବାର ୨ ରୁ ୪ ଘଣ୍ଟା ମଧ୍ୟରେ ଫୁଲ ନାଡ଼ ଖସିପଡ଼େ । ଯଦି ୧୨ ଘଣ୍ଟା ଭିତରେ ନ ଖସେ ତେବେ ପଶୁ ଚିକିତ୍ସକଙ୍କ ଦୃଷ୍ଟି ଆକର୍ଷଣ କରିବା ଉଚିତ୍ ।

(ଘ) ଗାଈ ଯେପରି ଫୁଲକୁ ନଖାଏ କିମ୍ବା ନଚାଟେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଫୁଲ ଖାଇଲେ ଗାଈକୁ ତରଳ ଝାଡ଼ା ହେବାର ସମ୍ଭାବନା ବହୁତ ଥାଏ ଏବଂ ଦୁଗ୍ଧ ଦେବାର କ୍ଷମତା ଆଶାତୀତ ଭାବରେ କମିଯାଏ ।

(ଙ) ଅନେକ ଗାଈ ଜନ୍ମ କଲାପରେ ଦୁଗ୍ଧଜ୍ୱର (Milk Fever) ରେ ଆକ୍ରାନ୍ତ ହୁଅନ୍ତି । ସେଭଳି ଅବସ୍ଥାରେ ପଶୁ ଚିକିତ୍ସକଙ୍କର ସହାୟତା ନିଆଯିବା ଏକାନ୍ତ ବାଞ୍ଛନୀୟ ।

(ଚ) ଗାଈ ଜନ୍ମ କରିବାର ଦୁଇଦିନ ପରେ ସନ୍ତୁଳିତ ସୁଷମ ଗୋଖାଦ୍ୟର ପରିମାଣ ଆସ୍ତେ ଆସ୍ତେ ବଢ଼ାନ୍ତୁ । ଏହାଦ୍ୱାରା ଗାଈ ସ୍ୱାସ୍ଥ୍ୟର ଉନ୍ନତି ହେବା ସହ ଦୁଗ୍ଧର ପରିମାଣ ବଢ଼ିଥାଏ ।

(ଛ) ଜନ୍ମ କରିବାର ୭ ଦିନ ପରେ ଗାଈକୁ ପ୍ରତ୍ୟହ ଥରେ ଓ ଆବଶ୍ୟକ ହେଲେ ୨ ଥର ଗାଧୋଇ ଦିଅନ୍ତୁ । ଏହା ଗାଈକୁ ପ୍ରଫୁଲ୍ଲ ରଖିବା ସହ ଅଧିକ ଦୁଗ୍ଧ ଉତ୍ପାଦନରେ ସାହାଯ୍ୟ କରେ ।

(ଜ) ଗାଈମାନଙ୍କର କୃମି ରୋଗ ହେଲେ ଦୁଗ୍ଧ ଦେବା ବହୁତ କମିଯାଏ । ଗାଈ ରୁଗ୍ଣ ହୋଇଯାଏ ଏବଂ ଗାଈ କ୍ରମଶଃ ଦୁର୍ବଳ ହୋଇ ମୃତ୍ୟୁ ମୁଖରେ ପଡ଼େ । ସେଥିପାଇଁ ଗାଈର ଗୋବର ପ୍ରତି ତିନି ମାସ ଅନ୍ତରରେ ନିକଟସ୍ଥ ପଶୁ ଚିକିତ୍ସାଳୟରେ ପରୀକ୍ଷା କରି ବିହିତ ଚିକିତ୍ସା କରିବା ଆବଶ୍ୟକ ।

(୫) ବିଭିନ୍ନ ସଂକ୍ରାମକ ରୋଗ ହେଲେ ଗାଈମାନଙ୍କର ଦୁଗ୍ଧ ଦେବା କ୍ଷମତା କମିଯିବା ସହ ଅନେକ ସମୟରେ ମୃତ୍ୟୁ ମୁଖରେ ପଡ଼ନ୍ତି । ଏଣୁ ବର୍ଷାଦିନ ଆରମ୍ଭରୁ ପଶୁ ଚିକିତ୍ସକଙ୍କ ସହ ପରାମର୍ଶ କରି ଗାଈଙ୍କୁ ପ୍ରତିଷେଧକ ଟୀକା ଦେବା ଉଚିତ୍ ।

(୬) ଗାଈର କୌଣସି ଅସୁସ୍ଥତା ପରିଲକ୍ଷିତ ହେଲେ ପଶୁ ଚିକିତ୍ସକଙ୍କ ପରାମର୍ଶ ନେଇ ଶୀଘ୍ର ଚିକିତ୍ସା କରିବା ବିଧେୟ । ପ୍ରତ୍ୟହ ଏକା ପ୍ରକାରର ଗୋଖାଦ୍ୟ ନିର୍ଦ୍ଦିଷ୍ଟ ପରିମାଣର ଦେବାକୁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ଦୁଗ୍ଧ ଉତ୍ପାଦନରେ ଅନିୟମିତତା ଦେଖାଦିଏ ନାହିଁ ।

*ଗୋ–ଜାତି ହୋଇଲେ ପ୍ରସନ୍ନ ଲୋକଙ୍କୁ ମିଳେ ସୁଖେ ଅନ୍ନ ।*



# ପ୍ରଜନନ

ଗୋ ସମ୍ପଦର ବିକାଶ ନିମନ୍ତେ ପ୍ରଜନନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଗାଈ ବା ମଇଁଷିର ଗର୍ଭଧାରଣ ନିମନ୍ତେ ଏହା ସର୍ବ ପ୍ରଥମ ପ୍ରକ୍ରିୟା । ଏହା ସାଧାରଣତଃ ଦୁଇ ପ୍ରକାରର, ଯଥା- ପ୍ରାକୃତିକ ପ୍ରଜନନ ଓ କୃତ୍ରିମ ପ୍ରଜନନ (Artificial Insemination) । କୃତ୍ରିମ ଉପାୟରେ ଷଣ୍ଢ ଶୁକ୍ରକୁ ଗାଈ ବା ମଇଁଷିର ଜନନେନ୍ଦ୍ରିୟରେ ପ୍ରବେଶ କରାଇ ଗର୍ଭଧାରଣ କରାଇବାକୁ ହିଁ କୃତ୍ରିମ ପ୍ରଜନନ କୁହାଯାଏ ।

## ସନ୍ତାନ ଉତ୍ପାଦନ ଓ କୃତ୍ରିମ ପ୍ରଜନନ

ଗୋଟିଏ ଗାଈଠାରୁ ଦୁଗ୍ଧ ଉତ୍ପାଦନର ପରିମାଣ ବାଛୁରୀ ଜନ୍ମର ବ୍ୟବଧାନ ଉପରେ ମୁଖ୍ୟତଃ ନିର୍ଭର କରେ । ଏହା ଖୁବ୍ ବେଶୀରେ ୧୨ ରୁ ୧୪ ମାସ ହୋଇପାରେ । ଏହା କରିବାକୁ ହେଲେ, ଗାଈଟିର ଗରମ ସମୟ ଠିକ୍ ଭାବରେ ଜାଣିବା ଦରକାର ଓ ଜାଣିବା ପରେ ଠିକ୍ ସମୟରେ ପ୍ରଜନନ କରିବା ଦରକାର । ଗାଈ ପ୍ରାୟ ୨୧ ଦିନରେ ଥରେ ଗରମକୁ ଆସିଥାଏ । ଯଦି ଥରେ ଗରମ ହେଲେ ପ୍ରଜନନ କରାନଯାଏ, ତେବେ ଗାଈଠାରୁ ତା' ଜୀବନ କାଳରେ କମ୍ ଦୁଗ୍ଧ ମିଳିବ ଓ କମ୍ ବାଛୁରୀ ମଧ୍ୟ ମିଳିବ ।

ଗାଈ ପ୍ରସବ କରିବାର ୬୦ ରୁ ୯୦ ଦିନ ମଧ୍ୟରେ ଯଦି ଗରମକୁ ନ ଆସେ, ତେବେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରାନ୍ତୁ । ଗାଈର ଗର୍ଭପାତ ହୋଇଥିଲେ ଉକ୍ତ ଗାଈକୁ ଅନ୍ତତଃ ୬ ମାସ ପର୍ଯ୍ୟନ୍ତ ପ୍ରଜନନ ବିଶ୍ରାମ ଦିଅନ୍ତୁ ।

## ଗୋରୁଙ୍କ ସଙ୍କରୀକରଣ

ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଗୋରୁଗାଈ ସାଧାରଣତଃ ନିକୃଷ୍ଟ ଓ ଏମାନେ ଅଳ୍ପ ଦୁଗ୍ଧ ଦିଅନ୍ତି । ତେଣୁ ଆଜିକାଲି ସଙ୍କର ଗାଈ ହିଁ ଖତ ଓ ଦୁଗ୍ଧ ଉତ୍ପାଦନ ସମସ୍ୟାର ସମାଧାନ । ଆଗେ ଓଡ଼ିଶାରେ ଗୋରୁଙ୍କ କ୍ରମ ଉନ୍ନତ କରିବା ପାଇଁ ହରିୟାନା, ସିନ୍ଧୀ ଷଣ୍ଢମାନଙ୍କୁ ବ୍ୟବହାର କରାଯାଉଥିଲା । ଏବେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ସହସା ବଢ଼ାଇବା ପାଇଁ ସଙ୍କର ଗୋରୁ ଉତ୍ପାଦନ କରାଯାଉଛି । ଜର୍ସି, ହଲଷ୍ଟିନ୍ ଆଦି ବିଦେଶୀ ଷଣ୍ଢ ଓ ଆମ ଦେଶୀ ଗାଈଙ୍କ ସଙ୍ଗମରୁ ଯେଉଁ ବାଛୁରୀ ଜନ୍ମୁଛନ୍ତି ତାକୁ ସଙ୍କର ବାଛୁରୀ କୁହାଯାଏ । ଆମ ରାଜ୍ୟରେ କୃତ୍ରିମ ପ୍ରଜନନ ପଦ୍ଧତିରେ

ଗାଈମାନଙ୍କୁ ସଙ୍ଗମ କରାଯାଉଛି । ସେଥିପାଇଁ ଜର୍ସି ଷଣ୍ଢମାନଙ୍କୁ ବିଭିନ୍ନ କେନ୍ଦ୍ରମାନଙ୍କରେ ରଖାଯାଇ ତାଙ୍କଠାରୁ ଶୁକ୍ର ସଂଗ୍ରହ କରାଯାଉଛି ଓ ହିମୀକରଣ କରାଗଲାପରେ ତରଳ ଯବକ୍ଷାରଜାନ ସାହାଯ୍ୟରେ ଏହାକୁ ସଂରକ୍ଷଣ କରାଯାଉଛି । ରାସାୟନିକ ପଦାର୍ଥମାନଙ୍କ ସହ ମିଶିଥିବା ଏ ଶୁକ୍ରକୁ ତରଳ ଯବକ୍ଷାରଯାନ ଟାଙ୍କିରେ ବିଭିନ୍ନ କୃତ୍ରିମ ପ୍ରଜନନ କେନ୍ଦ୍ରକୁ ପଠାଯାଉଛି ।

## କୃତ୍ରିମ ପ୍ରଜନନର ଆବଶ୍ୟକତା

ଆମ ରାଜ୍ୟରେ ସାଧାରଣତଃ ଦେଶୀ ଗାଈ ବହୁଳ ଭାବରେ ପାଳିତ ହୁଅନ୍ତି । ଯାହାର ଦୁଗ୍ଧ ଉତ୍ପାଦନ କ୍ଷମତା ଯଥେଷ୍ଟ କମ୍ । ଏହି ଗାଈମାନେ ଦିନସାରା ବାହାରକୁ ଚରିବାକୁ ଯାଆନ୍ତି ଏବଂ ଗରମ ହେଲେ ଗାଈ ଗୋଠରେ ଥିବା ଦେଶୀ ବୁଲାଷଣ୍ଢ ମାନଙ୍କ ଦ୍ୱାରା ଗର୍ଭଧାରଣ କରିଥାନ୍ତି । ଏହାଦ୍ୱାରା ଗୋସମ୍ପଦର ବିକାଶ ନଘଟି ଉତ୍ପାଦିକା ଶକ୍ତି କମିଯାଏ । ଏଣୁ ଗୋସମ୍ପଦର ବିକାଶ ନିମନ୍ତେ ଉନ୍ନତ ସଙ୍କର ଜାତୀୟ ବାଛୁରୀ ପାଇବାକୁ ହେଲେ କୃତ୍ରିମ ପ୍ରଜନନ ଉପରେ ହିଁ ମୁଖ୍ୟତଃ ନିର୍ଭର କରିବାକୁ ପଡ଼େ ।



## ଗାଈ ଗରମ ହେବାର ଲକ୍ଷଣ

ଯେଉଁ ସମୟରେ ଗାଈ ବା ମଇଁଷି, ଷଣ୍ଢ ସହ ସଙ୍ଗମ କରିବାକୁ ଆଗ୍ରହ ପ୍ରକାଶ କରନ୍ତି, ତାହାକୁ ଗରମ ସମୟ କୁହାଯାଏ । ଗରମ ଗାଈକୁ ଠିକ୍ ସମୟରେ ପ୍ରଜନନ କରାଇଲେ ଗାଈ

ଗର୍ଭଧାରଣ କରିଥାଏ । ନଚେତ୍ ଗର୍ଭଧାରଣରେ ଅଯଥା ବିଳମ୍ବ ଘଟିଲେ ଚାଷୀ ଖର୍ଚ୍ଚାନ୍ତ ହୋଇ କ୍ଷତିଗ୍ରସ୍ତ ହୁଏ । ଏହି ପରିପ୍ରେକ୍ଷୀରେ ଗାଈ ଗରମ ହେବାର ଲକ୍ଷଣଗୁଡ଼ିକ ପ୍ରତି ଚାଷୀମାନେ ଯଥେଷ୍ଟ ସଚେତନ ରହିବା ବାଞ୍ଛନୀୟ ।

ଦେଶୀ ଗାଈ ଛଡ଼ାମାନେ ଅଢ଼େଇ ବା ତିନି ବର୍ଷ ବୟସରେ ପ୍ରଥମେ ଗରମ ଆସନ୍ତି ଏବଂ ମଇଁଷି ଛଡ଼ାମାନେ ୩ ବର୍ଷ ବୟସ ବେଳକୁ ଗରମ ଆସିଥାନ୍ତି । ମାତ୍ର ଶଙ୍କର ଛଡ଼ାମାନେ ୧୮ ରୁ ୨୦ ମାସ ମଧ୍ୟରେ ପ୍ରଥମେ ଗରମକୁ ଆସିଥାନ୍ତି । (ଦୁହାଁଳିଆ) ଗାଈମାନେ ଜନ୍ମ କରିବାର ୨ ମାସ ପରଠାରୁ ପ୍ରତ୍ୟେକ ୨୧ ଦିନ ଅନ୍ତରରେ ଗରମକୁ ଆସିଥାନ୍ତି । ଗାଈମାନଙ୍କ କ୍ଷେତ୍ରରେ ଏହି ଗରମ ସମୟ ୧୮ ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ରହୁଥିବା ସ୍ଥଳେ ମଇଁଷିମାନଙ୍କ କ୍ଷେତ୍ରରେ ଆହୁରି ଅଧିକ ସମୟ ରହେ । ମଇଁଷିମାନେ ସାଧାରଣତଃ ବର୍ଷା ଋତୁରେ କିମ୍ବା ଶୀତ ଋତୁରେ ଗରମକୁ ଆସିଥାନ୍ତି ।

କେତେକ କ୍ଷେତ୍ରରେ ମଇଁଷିମାନେ ଖରାଦିନରେ ଗରମକୁ ଆସିଥାନ୍ତି । ଯାହାର ଲକ୍ଷଣ ସୁସ୍ପଷ୍ଟ ନୁହେଁ କିନ୍ତୁ ଦିନର ଥଣ୍ଡା ସମୟରେ ଅର୍ଥାତ୍ ସନ୍ଧ୍ୟା ଠାରୁ ସକାଳ ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଇଥାଏ ।

## ଗରମ ହେଲେ ଗାଈଠାରେ ନିମ୍ନଲିଖିତ ଲକ୍ଷଣ ମାନ ପ୍ରକାଶ ପାଇଥାଏ

୧. ଗାଈ ଗରମ ହେବାର ପ୍ରଥମ ଅବସ୍ଥାରେ ଅସ୍ଥିର ହୁଏ, ଲାଞ୍ଜ ଟେକେ ଓ ଖାଦ୍ୟ ପ୍ରତି ଆଗ୍ରହ ଦେଖାଏ ନାହିଁ ।

୨. ଗାଈ ବାରମ୍ବାର ରଡ଼ିଛାଡ଼େ (ହମ୍ବାଳେ) ଓ ବାରମ୍ବାର ପରିସ୍ରା କରେ ।

୩. ଗାଈ କ୍ଷୀର ଦେବା କମାଇଦିଏ ଏପରିକି ବାଛୁରୀକୁ ପିଆଏ ନାହିଁ ।

୪. ଜନନେନ୍ଦ୍ରିୟ ଫୁଲିଯାଏ ଓ ପରିସ୍ରା ଦ୍ୱାରରୁ କଷ ବା ଲାକ ଦଉଡ଼ି ଭଳି ଓହଳି ରହେ ।

୫. ଅନ୍ୟ ଗାଈ ଉପରକୁ ଚଢ଼ିଯାଏ କିନ୍ତୁ ମଧ୍ୟମ ଅବସ୍ଥା ବା ପ୍ରଜନନର ଉପଯୁକ୍ତ ସମୟରେ ଅନ୍ୟ ଗାଈ ଗୋରୁ ତା ଉପରକୁ ଉଠିଗଲେ ସ୍ଥିର ହୋଇ ଠିଆ ହୁଏ ।

ଗାଈ ଗରମ ହେବାର ୧୨ ରୁ ୧୮ ଘଣ୍ଟା ମଧ୍ୟରେ କୃତ୍ରିମ ପ୍ରଜନନ କରାଗଲେ ଗାଈ ଗର୍ଭଧାରଣ କରିଥାଏ ଅର୍ଥାତ୍ ସକାଳେ ଗରମ ହେଲେ ସନ୍ଧ୍ୟାରେ ତଥା ସନ୍ଧ୍ୟାରେ ଗରମ ହେଲେ ତା ପରଦିନ ସକାଳେ ପ୍ରଜନନ କରାଯିବା ଆବଶ୍ୟକ ।

## କୃତ୍ରିମ ପ୍ରଜନନର ଉପାଦେୟତା

୧. ବିଭିନ୍ନ ଷଣ୍ଢଙ୍କ ଠାରୁ ଶୁକ୍ର ସଂଗ୍ରହ କରି ତାର ବ୍ୟବହାର କରାଯାଇପାରେ । ଏପରିକି ସଙ୍ଗମ କରିବାକୁ ଅକ୍ଷମ ଷଣ୍ଢ ଠାରୁ ବି ଶୁକ୍ର ଆଣି ବ୍ୟବହାର କରାଯାଇ ପାରିବ ।

୨. ଶୁକ୍ରକୁ ବିଶୁଦ୍ଧଭାବେ ସଂଗ୍ରହ କରାଯାଇ ସଂକ୍ରାମକ ରୋଗ ଦମନ କରାଯାଇ ପାରିବ ।

୩. ଉତ୍କୃଷ୍ଟ ଗୁଣ ଥିବା ଷଣ୍ଢକୁ ସର୍ବାଧିକ ତଥା ବିଭିନ୍ନ ସ୍ଥାନ ମାନଙ୍କରେ ବ୍ୟବହାର କରାଯାଇ ପାରିବ ।

୪. ଗାଈ ଗରମ ହେଲେ ଉତ୍ତମ ଷଣ୍ଢ ଖୋଜିବାକୁ ପଡ଼ିନଥାଏ ।

୫. ଖୁବ୍ ଶୀଘ୍ର ଷଣ୍ଢ ତଥା ବାଛୁରୀର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରିହୁଏ ।

୬. ଅଳ୍ପ ସଂଖ୍ୟକ ଷଣ୍ଢ ପାଳନ କରାଯାଉଥିବାରୁ ଏହା ବ୍ୟୟସାପେକ୍ଷ ନୁହେଁ ।

## କେତୋଟି ଜାଣିବା କଥା

୧. ଏହା ଏକ ଉଚ୍ଚ ବୈଷୟିକ ଜ୍ଞାନ ସମ୍ପନ୍ନ ପଦ୍ଧା । ତେଣୁ ଏଥିପାଇଁ କୌଶଳ ଓ ଅଭ୍ୟାସ କରିବାକୁ ପଡ଼ିଥାଏ ।

୨. କୃତ୍ରିମ ପ୍ରଜନନ ନିମନ୍ତେ ବ୍ୟବହୃତ ଯନ୍ତ୍ରପାତିଗୁଡ଼ିକୁ ପରିଷ୍କାର ଓ ବିଶୋଧନ କରାଯିବା ଆବଶ୍ୟକ । ଏହା ନକଲେ ଗାଈ ଜନନେନ୍ଦ୍ରିୟରେ ଅନେକ ପ୍ରକାର ରୋଗ ହେବାର ସମ୍ଭାବନା ଥାଏ ଓ ଏହି ପ୍ରକ୍ରିୟା କ୍ଷତିକାରକ ହୋଇଥାଏ ।

୩. ପ୍ରଜନନ କରାଇବାର ୩ ମାସ ପରେ ପଶୁ ଚିକିତ୍ସକଙ୍କ ଦ୍ୱାରା ଗର୍ଭନିରୂପଣ କରାଯିବା ଦରକାର । ଏଣୁ ଗାଈ ଗରମ ହେଲେ ପଶୁ ଚିକିତ୍ସକ ବା କୃତ୍ରିମ ପ୍ରଜନନକାରୀଙ୍କ ଦ୍ୱାରା ସଠିକ୍ ରୂପେ ସମୟ ନିରୂପଣ କରାଇ, କୃତ୍ରିମ ପ୍ରଜନନର ସମସ୍ତ ସାବଧାନତା ଅବଲମ୍ବନ କରି ଗାଈକୁ ପ୍ରଜନନ କରାଇଲେ ଗାଈ ନିଶ୍ଚିତ ଭାବେ ଗର୍ଭଧାରଣ କରି ଉନ୍ନତ ମାନର ବାଛୁରୀ ଜନ୍ମ କରିଥାଏ ।

## କେତେବେଳେ ଗାଈକୁ ପ୍ରାକୃତିକ ପ୍ରଜନନ କିମ୍ବା କୃତ୍ରିମ ପ୍ରଜନନ କରାଇବା ଉଚିତ୍ ?

ଯଦି ଆପଣଙ୍କ ଗାଈ ଗରମକୁ ଆସିଥାଏ, ତେବେ ଗରମ ଆରମ୍ଭରୁ ୧୨ ରୁ ୧୮ ଘଣ୍ଟା ମଧ୍ୟରେ ପ୍ରାକୃତିକ କିମ୍ବା କୃତ୍ରିମ ପ୍ରଜନନ କରାଇବା ଦରକାର ।

ଯଦି ଠିକ୍ ସମୟରେ ଗାଈକୁ କୃତ୍ରିମ ପ୍ରଜନନ କରାଯାଏ ତେବେ ଗର୍ଭ ରଖିବାର ସମ୍ଭାବନା ଅଧିକ । ଯଦି ଡେରିରେ କୃତ୍ରିମ ପ୍ରଜନନ କରାଯାଏ, ତେବେ ସେ ନିଶ୍ଚିତ ଭାବରେ ଲେଉଟାଇବ । କୃତ୍ରିମ ପ୍ରଜନନର ସୁବିଧା ହେଲା ଯେ ଅଧିକ ଗୁଣାତ୍ମକ ମାନ ଥିବା ଷଣ୍ଢର ଶୁକ୍ରକୁ ବ୍ୟବହାର କରାଯାଇପାରିବ । ଯଦି କୃତ୍ରିମ ପ୍ରଜନନ ସୁବିଧା ନଥାଏ, ତେବେ ଗାଈଟିକୁ ପ୍ରାକୃତିକ ପ୍ରଜନନ କରାଇବା ଦରକାର ।

## ପ୍ରାକୃତିକ ପ୍ରଜନନ ଓ ଉନ୍ନତ ମାନର ଷଣ୍ଢ

ଗୋ ସମ୍ପଦର ବିକାଶ ନିମନ୍ତେ ଉନ୍ନତ ମାନର ବାଛୁରୀ ପାଇବାରେ ଉନ୍ନତ ମାନର ଷଣ୍ଢର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସ୍ଥଳ ବିଶେଷରେ ଏହା କୃତ୍ରିମ ପ୍ରଜନନର ଏକ ଅନୁରୂପ ବ୍ୟବସ୍ଥା ହୋଇଥାଏ । କେତେକ ଦୁର୍ଗମ ଅଞ୍ଚଳ ଯେଉଁ ଜାଗାକୁ କି ଗାଡ଼ି ମଟରରେ କୃତ୍ରିମ ପ୍ରଜନନ ସୁବିଧା ପହଞ୍ଚାଇ ହୁଏ ନାହିଁ, ସେ ସ୍ଥାନ ମାନଙ୍କରେ ଷଣ୍ଢ ଯୋଗାଇ ତାଠାରୁ ଉନ୍ନତ ବାଛୁରୀ ଉତ୍ପାଦନ କରାଯାଇ ଗୋ ସମ୍ପଦର ବିକାଶ କରାଯାଇ ଥାଏ । ଆହୁରି ମଧ୍ୟ ବଣୁଆଁ ମଇଁଷି ତଥା ପ୍ରତିଦିନ ଗୋରୁ ପଲରେ ଯାଉଥିବା ଗାଈମାନଙ୍କୁ କୃତ୍ରିମ ପ୍ରଜନନ କେନ୍ଦ୍ରକୁ ନେଇ ପ୍ରଜନନ କରାଇବାରେ ବହୁତ ଅସୁବିଧା ହୁଏ । ଯାହାଫଳରେ ସେମାନେ ଦେଶୀ ଷଣ୍ଢଙ୍କ ଦ୍ୱାରା ଗର୍ଭବତୀ ହୋଇଥାନ୍ତି । ଏ କ୍ଷେତ୍ରରେ ମଧ୍ୟ ଉନ୍ନତ ମାନର ମୂରାଷଣ୍ଢ ତଥା ଗାଈ-ଷଣ୍ଢର ଉପଯୋଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କାର୍ଯ୍ୟକ୍ରମ ଆମ ଜିଲ୍ଲାରେ ୧୯୮୮ ମସିହାରୁ ହାତକୁ ନିଆଯାଇ ବିଭିନ୍ନ ଗ୍ରାମମାନଙ୍କୁ କେତେଗୁଡ଼ିଏ ଷଣ୍ଢ ଯୋଗାଇ ଉନ୍ନତମାନର ବାଛୁରୀ ଉତ୍ପାଦନ କରାଯାଇଛି ।

## ଗର୍ଭନିରୂପଣ ଓ ଏହାର ଉପଯୋଗିତା

ଗାଈ ବା ମଇଁଷି ପ୍ରଜନନ କରାଇ ଗର୍ଭଧାରଣ କଲାପରେ ଗର୍ଭନିରୂପଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେତେକ ଚାଷୀ ପ୍ରଜନନ କରାଇବାପରେ ଗାଈ ବା ମଇଁଷିଠାରେ ଉପଲବ୍ଧ ବାହ୍ୟ ପରିପ୍ରକାଶକୁ ନିର୍ଭର କରି ଗର୍ଭନିରୂପଣ କରିଥାନ୍ତି ଯାହାକି କେତେକ କ୍ଷେତ୍ରରେ ଭୁଲ୍ ସାବ୍ୟସ୍ତ ହୋଇ

ଚାଷୀକୁ ଖର୍ଚ୍ଚାନ୍ତ ଓ କ୍ଷତିଗ୍ରସ୍ତ କରାଏ । ଏଥିପାଇଁ ଗାଈ ବା ମଇଁଷି ଗର୍ଭଧାରଣ ହେବାର ୨ ମାସ ପରେ, ପଶୁ ଗରମକୁ ନ ଆସିଲେ ପଶୁ ଚିକିତ୍ସକଙ୍କ ନିକଟରେ ଗର୍ଭପରୀକ୍ଷା କରାଇନେବା ଆବଶ୍ୟକ । ନିମ୍ନଲିଖିତ କାରଣଗୁଡ଼ିକ ଲାଗି ଅଭିଜ୍ଞ ପଶୁ ଚିକିତ୍ସକଙ୍କ ଦ୍ୱାରା ଗର୍ଭପରୀକ୍ଷା କରାଯାଇଥାଏ ।

୧. କେତେକ ପଶୁ ଗର୍ଭଧାରଣ ନହୋଇ ମଧ୍ୟ ୨୧ ଦିନ ଅନ୍ତରରେ ଗରମକୁ ଆସନ୍ତି ନାହିଁ ।

୨. କେତେକ ପଶୁ ଗର୍ଭଧାରଣ ହୋଇ ମଧ୍ୟ ଗରମ ଲକ୍ଷଣ ପ୍ରକାଶ କରିଥାନ୍ତି ଯାହାକି ପରେ ଭୁଲ୍ ସାବ୍ୟସ୍ତ ହୋଇଥାଏ ।

୩. କେତେକ ପଶୁ ଗର୍ଭଧାରଣ ନହୋଇ ମଧ୍ୟ ଗର୍ଭଥିବାର ଲକ୍ଷଣ, ଯଥା ଦୁଗ୍ଧ ଉତ୍ପାଦନ କମାଇବା, ପହ୍ନା ଶୁଖିଯିବା ଇତ୍ୟାଦି ପ୍ରକାଶ କରେ ।

୪. ପଶୁର ଅନ୍ତର୍ନିହିତ ଲକ୍ଷଣଗୁଡ଼ିକ ନିରୀକ୍ଷଣ କରିବା ଦ୍ୱାରା ହିଁ ଗର୍ଭନିରୂପଣ ସଠିକ୍ ହୁଏ ଏବଂ ଏହା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା କରାଯିବା ଆବଶ୍ୟକ ।

## ଗାଈ ବାରମ୍ବାର ଲେଉଟାଇବାର କାରଣ

ଗାଈ ପ୍ରତି ୨୧ ଦିନରେ ଥରେ ଗରମକୁ ଆସିଲେ, ତାହାକୁ ଗାଈର ଋତୁଚକ୍ର କୁହାଯାଏ । ତା'ପରେ ଗାଈକୁ କୃତ୍ରିମ ବା ପ୍ରାକୃତିକ ପ୍ରଜନନ କଲେ ଗାଈ ଗର୍ଭଧାରଣ କରିଥାଏ । କେତେକ ଗାଈ ଥରେ ଗରମକୁ ଆସିବା ପରେ ପ୍ରଜନନ କରାଗଲେ ଗର୍ଭଧାରଣ କରୁଥିବା ବେଳେ କେତେକ ଗାଈ ଦ୍ୱିତୀୟ ବା ତୃତୀୟ ଥର ଗରମକୁ ଆସି ଗର୍ଭଧାରଣ କରିଥାନ୍ତି ।

ମାତ୍ର କେତେକ ଗାଈ ଅନେକ ଥର ଗରମକୁ ଆସି ଗର୍ଭଧାରଣ ନ କଲେ ତାଙ୍କୁ ଲେଉଟାଣି ଗାଈ କୁହାଯାଏ । କାରଣଗୁଡ଼ିକ ହେଲା –

୧. ଗାଈର ପ୍ରଜନନ କ୍ଷମତା ଓ ନିରୋଗତା ।

୨. ଷଣ୍ଢ ଶୁକ୍ରର ଗୁଣାତ୍ମକ ମାନ ।

୩. ଗୋ-ପାଳନର ଅନୁସୃତ ପ୍ରଜନନ ପଦ୍ଧତି ।

୪. କୃତ୍ରିମ ପ୍ରଜନନକାରୀର ପ୍ରଜନନ ପ୍ରଣାଳୀ ।

ତେଣୁ ଗାଈକୁ କୃତ୍ରିମ ପ୍ରଜନନ କରାଇବା ପୂର୍ବରୁ ଏହି ଦିଗଗୁଡ଼ିକ ପ୍ରତି ଦୃଷ୍ଟି ଦେଲେ ଓ ଗାଈକୁ ପଶୁ ଡାକ୍ତରଙ୍କଠାରେ ପରୀକ୍ଷା କରାଇଲେ ଗାଈର ବାରମ୍ବାର ଲେଉଟାଇବା ଦୋଷ ଓ ସାମୟିକ ବନ୍ଧ୍ୟାତ୍ୱ ଦୂର ହୋଇ ପାରିବ ।

# ବାଛୁରୀ ପାଳନ

ଗୋପାଳନର ସଫଳତା ଅନେକାଂଶରେ ବାଛୁରୀଙ୍କୁ ଠିକ୍ ଭାବରେ ପ୍ରଜନନକ୍ଷମ ବୟସ ପର୍ଯ୍ୟନ୍ତ ଲାଳନ ପାଳନ କରିବା ଉପରେ ନିର୍ଭର କରେ । ଆଜିର ବାଛୁରୀ ହେଉଛି କାଲିର ଉନ୍ନତ ଗୋରୁ । ତେଣୁ ଲାଭଦାୟକ ଗୋ ପାଳନର ସଫଳତା ଲାଗି ବାଛୁରୀମାନଙ୍କର ଯତ୍ନ ନେବା ଆବଶ୍ୟକ । କେତେକ ଭାବନ୍ତି ଯେ ବାଛୁରୀଟିଏ ପାଳି ତାକୁ ଏକ ଉନ୍ନତ ଉତ୍ପାଦନକ୍ଷମ ଗାଈ ଭାବରେ ଉତାରିବାକୁ ଯେପରି ସମୟ ସାପେକ୍ଷ ଓ ବ୍ୟୟ ବହୁଳ ତଦ୍‌ପେକ୍ଷା ଉନ୍ନତ ଦୁଧିଆଳୀ ଗାଈ କିଣିଆଣିବା ଅତି ସହଜ ଓ ସୁଗମ ପନ୍ଥା । ମାତ୍ର ବାହାରୁ କିଣିଥିବା ଗାଈଟି ଏକ ଅଜ୍ଞାତ କୁଳଶୀଳ ବ୍ୟକ୍ତି ସହିତ ସମାନ । ତାହାର ବଂଶ ପରିଚୟ ପ୍ରଜନନ ସାମର୍ଥ୍ୟ ଓ ବିଭିନ୍ନ ସଂକ୍ରାମକ ରୋଗ ଆକ୍ରାନ୍ତ ବିଷୟରେ ଚାଷୀ ଜାଣିନଥିବାରୁ ଅନେକ ସମୟରେ ଲାଭ ପାଇବା ପରିବର୍ତ୍ତେ କ୍ଷତିର ସମ୍ମୁଖୀନ ହୋଇଥାନ୍ତି । ତେଣୁ ବାହାର ଗାଈ କିଣିବା ଅପେକ୍ଷା ନିଜ ମାଇ ବାଛୁରୀକୁ ପାଳନ କରି ଗୋଟିଏ ଉନ୍ନତ ଗାଈ ଭାବରେ ଉତାରିବା ଶତ ଗୁଣରେ ଭଲ । କଥାରେ ଅଛି, ''ଗୋରୁ ନରଖେ କାହା ଋଣ, ଶୁଝଇ ଦଶ ଶତ ଗୁଣ'' । ଗୋଟିଏ ମାଇ ବାଛୁରୀ ପାଇଁ ଗାଈ ହେବା ଯାଏ ଯେତେ ପରିଶ୍ରମ ଓ ଖର୍ଚ୍ଚ ହୁଏ, ସେ ବାଛୁରୀଟି ଗାଈ ହୋଇ ଅଧିକ ଲାଭ ଦିଏ । ଏଣୁ ଗାଁ ଗହଳିରେ ଚାଷୀମାନେ ବାଛୁରୀ ପାଳନର ନିମ୍ନ ଦିଗମାନଙ୍କ ପ୍ରତି ଦୃଷ୍ଟି ଦେବା ବିଧେୟ ।

୧. ବାଛୁରୀ ଜନ୍ମ ହେବା ପରେ ଗୋଟିଏ ସଫା କନାରେ ବା ଅଖାରେ ମୁହଁ ଓ ନାକ ସଫା କରିଦିଅନ୍ତୁ । ଏହାଦ୍ୱାରା ବାଛୁରୀଟି ସହଜରେ ନିଶ୍ୱାସ ପ୍ରଶ୍ୱାସ ନେଇପାରିବ । ବାଛୁରୀ ସାଙ୍ଗେ ସାଙ୍ଗେ ନିଶ୍ୱାସ ପ୍ରଶ୍ୱାସ ନ ନେଲେ ଡେରି ନକରି ତାର ଆଗଗୋଡ଼ ଦୁଇଟି ସଞ୍ଚାଳିତ କରି ଓ ଛାତିରେ ସାମାନ୍ୟ ଚାପ ଦେଇ କୃତ୍ରିମ ଶ୍ୱାସକ୍ରିୟା ଆରମ୍ଭ କରିବାକୁ ହେବ ।

୨. ଏହାପରେ ଗାଈ ଯଦି ତା ଛୁଆକୁ ନ ଚାଟେ ତାହେଲେ ବାଛୁରୀ ଦେହରେ ଅଳ୍ପ ଲୁଣ ବୋଳି ଦେଲେ ସେ ତାକୁ ଚାଟିବ ଓ ଏହାଦ୍ୱାରା ବାଛୁରୀର ଦେହ ମଧ୍ୟ ସଫା ହୋଇଯିବ ।

୩. ବାଛୁରୀ ଜନ୍ମ ହେବା ପରେ ପରେ ତାର ନାଭିକୁ ପେଟଠାରୁ ଏକ ଚାଖଣ୍ଡ ଛାଡ଼ି ଗୋଟିଏ ସୂତାରେ ବାନ୍ଧି ଦିଅନ୍ତୁ ଓ ସୂତାଠାରୁ ୧/୨ ଇଞ୍ଚ ଛାଡ଼ି ବିଶୋଧିତ ଛୁରୀ, କଇଁଚି କିମ୍ବା ନୂଆ ବ୍ଲେଡ୍ ଦ୍ୱାରା ନାଭିକୁ କାଟି ଦିଅନ୍ତୁ । ଏହି କଟା ସ୍ଥାନରେ ଟିଙ୍କଚର ଆୟୋଡ଼ିନ୍ ଲଗାଇ ଦିଅନ୍ତୁ । ଏହାଦ୍ୱାରା ନାଭିକୁ ରୋଗ ସଂକ୍ରମଣରୁ ରକ୍ଷା କରାଯାଇପାରିବ ।

୪. ବାଛୁରୀଟି ଜନ୍ମର ଅଧଘଣ୍ଟାଏ ପରେ ଆପେ ଆପେ ଉଠିଥାଏ ଓ ଗାଈଠାରୁ ଦୁଗ୍ଧ ପିଇଥାଏ । ଯଦି ନ ଉଠେ, ତେବେ ତାକୁ ଉଠିବାରେ ସାହାଯ୍ୟ କରନ୍ତୁ ଓ ଗାଈଟିର ଚିର ଗୁଡ଼ିକରୁ ପ୍ରଥମେ ୨/୪ ଠୋପା ଦୁଗ୍ଧ ବାହାର କରିଦେବା ପରେ ବାଛୁରୀକୁ ପିଇବାକୁ ଛାଡନ୍ତୁ ।

ବାଛୁରୀ କ୍ଷୀର ପିଇବା ପୂର୍ବରୁ ଗାଈର ପହ୍ନାକୁ ପୋଛି କିମ୍ବା ଧୋଇ ସଫା କରି ଦିଅନ୍ତୁ । ଯଦି ବାଛୁରୀ ଗାଈଠାରୁ ଆପେ କ୍ଷୀର ନଖାଇଲା, ତେବେ ଏକ ସଫା ବୋତଲରେ ୧୦୦-୧୫୦ ଗ୍ରାମ୍ କଷକ୍ଷୀର ଦୁହିଁ, ରବର ନିପଲ୍ ସାହାଯ୍ୟରେ ବାଛୁରୀକୁ ପିଆଇବା ଦରକାର । ଏହା ପ୍ରତିରୋଧ ଶକ୍ତି ବଢ଼ାଏ ।

୫. ଗାଁ ଗହଳିର ଲୋକମାନେ ଗାଈ ଜନ୍ମ ପରେ ପହ୍ନାରୁ ବାହାରୁଥିବା ପ୍ରଥମ କଷ କ୍ଷୀରକୁ ଦୁହିଁ ଫୋପାଡ଼ି ଦିଅନ୍ତି ଓ ପରେ ବାଛୁରୀକୁ ପହ୍ନାରୁ ପିଇବା ପାଇଁ ଛାଡ଼ି ଦିଅନ୍ତି, ମାତ୍ର ଏହା ସମ୍ପୂର୍ଣ୍ଣ ଭାବରେ ବର୍ଜନୀୟ । କଷ କ୍ଷୀର ବାଛୁରୀପାଇଁ ଅମୃତ ସଦୃଶ । ଏହା ପାନ କରିବା ଦ୍ୱାରା ବାଛୁରୀ ନୀରୋଗୀ ଓ ଦୀର୍ଘାୟୁ ହୁଏ । ବାଛୁରୀ ପିଇ ସାରିବା ପରେ ବଳକା କ୍ଷୀରକୁ ପହ୍ନାରୁ ଦୁହିଁ ଫୋପାଡ଼ି ଦିଆ ଯାଇପାରେ ।

୬. ଜନ୍ମ କରିବାର ୧ ସପ୍ତାହ ପରେ ଅଧିକ ଦୁଧିଆଳୀ ଗାଈ ପାଖରେ ତା'ର ବାଛୁରୀକୁ ମୁକ୍ତ ଭାବରେ ଛାଡନ୍ତୁ ନାହିଁ । ମୁକ୍ତ ଭାବରେ ଛାଡ଼ିଲେ ମନଇଚ୍ଛା ବାଛୁରୀ ଦୁଗ୍ଧ ପିଇଥାଏ । ଆବଶ୍ୟକଠାରୁ ଅଧିକ ଦୁଗ୍ଧ ପିଇଲେ ହଜମ ନହୋଇ ପତଳା ଝାଡ଼ା ହୁଏ । ଏପରି ହେଲେ ସଙ୍ଗେ ସଙ୍ଗେ ପଶୁ ଚିକିତ୍ସକଙ୍କ ସାହାଯ୍ୟ ନ ନେଲେ ବାଛୁରୀର ମୃତ୍ୟୁ ହୁଏ ।

୭. ଜନ୍ମରୁ ୨ ସପ୍ତାହ ଠାରୁ ଆରମ୍ଭ କରି ପ୍ରତି ୩ ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ୬ ମାସ ବୟସର ହେଲେ ଆବଶ୍ୟକୀୟ ପ୍ରତିଷେଧକ ଟୀକା ଦେଇଦିଅନ୍ତୁ । ଏ ସମ୍ବନ୍ଧରେ ସ୍ଥାନୀୟ ପଶୁଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

୮. ପଶୁଚିକିତ୍ସକଙ୍କ ସହ ପରାମର୍ଶ କରି ଦୈନିକ ଆହାରର ପରିମାଣ ଠିକ୍ କରନ୍ତୁ ଓ ତଦନୁସାରେ ଖାଇବାକୁ ଦିଅନ୍ତୁ ।

୯. ବାଛୁରୀକୁ ଏକ ସ୍ୱତନ୍ତ୍ର ପରିଷ୍କାର ପରିଚ୍ଛନ୍ନ ଗୁହାଳରେ ରଖନ୍ତୁ । ଗୁହାଳ ସନ୍ତସତିଆ ଓ ଆବର୍ଜନା ପୂର୍ଣ୍ଣ ହେଲେ ବାଛୁରୀକୁ ବିଭିନ୍ନ ରୋଗ ଆକ୍ରମଣ କରେ । ଗୁହାଳରେ ପରିଷ୍କାର ପାଣିର ବ୍ୟବସ୍ଥା କରାଯିବା ଏକାନ୍ତ ଆବଶ୍ୟକ ।

୧୦. ବାଛୁରୀ ଜନ୍ମ ହେବାର ୭ ଦିନରୁ ୧୫ ଦିନ ମଧ୍ୟରେ ଏହାର ଶିଙ୍ଗ ନଉଠିବା ସକାଶେ ବ୍ୟବସ୍ଥା କରାଯାଇପାରେ । ଇଂରାଜୀରେ ଏହାକୁ "ଡିହର୍ଣ୍ଣିଂ" କୁହାଯାଏ । ଶିଙ୍ଗ ନଉଠିଲେ ବାଛୁରୀ ବଡ଼ ହେଲାବେଳକୁ ସୁଧାର ହୁଅନ୍ତି ଓ ନିଜ ମଧ୍ୟରେ ଲଢ଼େଇ କରି ଖଣ୍ଡିଆ ଖାବରା ହୁଅନ୍ତି ନାହିଁ କିମ୍ବା ଗୋ-ପାଳକ ମାନଙ୍କୁ ଆଘାତ କରି ପାରନ୍ତି ନାହିଁ । ଶିଙ୍ଗ ଭଙ୍ଗା ଯନ୍ତ୍ରଣାରୁ ମଧ୍ୟ ରକ୍ଷା ପାଆନ୍ତି ।

# ସାଧାରଣ ରୋଗ ଓ ନିରାକରଣ

ଦୁଧିଆଳୀ ଗାଈମାନଙ୍କଠାରେ ବିଭିନ୍ନ ପ୍ରକାରର ରୋଗ ଦେଖାଦେଇଥାଏ । ଗାଈଟି ରୋଗାକ୍ରାନ୍ତ ହେଲେ ଖାଦ୍ୟ ଠିକ୍ ଭାବରେ ଖାଏ ନାହିଁ, ପାକୁଳି କରେ ନାହିଁ ଓ ଥୋମଣି ଶୁଖିଲା ରହେ । ଏହା ବ୍ୟତୀତ ଆଉ କେତେକ ଲକ୍ଷଣ, ଯଥା– ଶରୀରର ଉତ୍ତାପ ବୃଦ୍ଧି, ଲୋମ ଟାଙ୍କୁରି ରହିବା, ଦୁଗ୍ଧ ଉତ୍ପାଦନ ହ୍ରାସ, ଚଲାବୁଲା କରିବାରେ ଅକ୍ଷମତା ଇତ୍ୟାଦି ପ୍ରକାଶ ପାଇଥାଏ । ଗାଈମାନଙ୍କର କେତେକ ସାଧାରଣ ରୋଗ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଅଛି ।

୧. **ପେଟଫୁଲା** : ଗାଈର ବାମପେଟ ଫୁଲିଉଠେ ଓ ଆଙ୍ଗୁଳି ଦ୍ୱାରା ସାମାନ୍ୟ ଆଘାତ କଲେ ଢୋଲ ବାଜିଲା ପରି ଶବ୍ଦ ହୁଏ । ପଶୁ ଖାଦ୍ୟ ଖାଏ ନାହିଁ ଓ ଝାଡ଼ା ପରିସ୍ରା ବନ୍ଦ ହୋଇଯାଏ, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୁଏ । ଅତ୍ୟଧିକ ପଚାସଡ଼ା ଖାଦ୍ୟ ଖାଇବା ଦ୍ୱାରା ଏହି ରୋଗ ହୋଇଥାଏ । ବିଶେଷ କରି ଭୋଜି ସମୟରେ ବଳି ପଡୁଥିବା ରନ୍ଧା ଖାଦ୍ୟକୁ ଏକକାଳୀନ ପଶୁମାନଙ୍କୁ ଦେବା ଦ୍ୱାରା ଏପରି ହୋଇଥାଏ । ଅତ୍ୟଧିକ ଭୂଷି ଓ ଡ଼ାଲି ଜାତୀୟ ଖାଦ୍ୟ ଖୁଆଇ ଦେଲେ ମଧ୍ୟ ପେଟ ଫୁଲିଯାଏ ।

**ଚିକିତ୍ସା :**

| | | |
|---|---|---|
| ଟର୍‌ପେନ୍‌ଟାଇନ୍ ତେଲ | – | ୩୦ ରୁ ୫୦ ମିଲିଲିଟର |
| ରାଶିତେଲ ବା ବାଦାମ ତେଲ | – | ୫୦୦ ମିଲିଲିଟର |
| ହେଙ୍ଗୁ ଅର୍କ | – | ୪୦ ମିଲିଲିଟର |

ଏସବୁକୁ ମିଶାଇ ପାଟିବାଟେ ପିଆଇ ଦିଅନ୍ତୁ । ପଶୁର ମୁହଁକୁ ମେଲା କରି କିଛି ସମୟ ରଖନ୍ତୁ । କିଛି ସମୟ ପରେ ଗ୍ୟାସ୍‌ଗୁଡ଼ିକ ଆପେ ଆପେ ବାହାରିଯିବ । ଏଥିନିମନ୍ତେ ପଶୁ ଚିକିତ୍ସକଙ୍କଠାରୁ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରନ୍ତୁ ।

୨. **ପ୍ରସୂତି ଜ୍ୱର** : ଏହାକୁ ମିଲ୍କ ଫିଭର (Milk Fever) ମଧ୍ୟ କୁହାଯାଏ । ଅଧିକ ଦୁଗ୍ଧ ଦେଉଥିବା ଗାଈ ଓ ମଇଁଷିଙ୍କଠାରେ ଏହି ରୋଗ ହୋଇଥାଏ । ବାଛୁରୀ ଜନ୍ମ କରିବାର ଅଳ୍ପ ଦିନ ମଧ୍ୟରେ ଏହା ହୋଇଥାଏ । ଏଥିରେ ଗାଈର ଉତ୍ତାପ ବଢ଼େ ନାହିଁ କିନ୍ତୁ ଗାଈ ନିସ୍ତେଜ ରହେ । ଗାଈ ବେକ ଭାଙ୍ଗି ପେଟ ଉପରେ ରଖି କୁଣ୍ଡାଇ ହୁଏ । ଗର୍ଭାବସ୍ଥାରେ ଗାଈକୁ ଧାତବ ଲବଣ ଖାଇବାକୁ ଦେଲେ ଏ ରୋଗ ହୁଏ ନାହିଁ ।

**ଚିକିତ୍ସା :** ଏହି ରୋଗର ନିରାକରଣ ନିମନ୍ତେ କ୍ୟାଲ୍‌ସିୟମ୍ ବୋରୋଗ୍ଲୁକୋନେଟ୍ ବା ମାଇଫେକ୍ସ ଇଂଜେକ୍‌ସନ ଦିଆଯାଇଥାଏ । ପଶୁ ଏପରି ରୋଗରେ ଆକ୍ରାନ୍ତ ହେଲେ ଚିକିତ୍ସକଙ୍କ ପରାମର୍ଶ କ୍ରମେ ଚିକିତ୍ସା କରାଇବା ଉଚିତ୍ ।

୩. **ତରଳ ଝାଡ଼ା :** ହଜମ ପ୍ରକ୍ରିୟାରେ ଅସୁବିଧା ଓ କୃମି ହେଲେ ସାଧାରଣତଃ ତରଳ ଝାଡ଼ା ହୋଇଥାଏ । ନିକଟସ୍ଥ ପଶୁ ଡାକ୍ତରଖାନାରେ ଗୋବର ପରୀକ୍ଷା କରି ପଶୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରାଇବା ଉଚିତ୍ । ସାଧାରଣତଃ ତରଳ ଝାଡ଼ା ପାଇଁ ସଲଫା ଜାତୀୟ ଔଷଧ ଦିଆଯାଏ ।

୪. **ଥନହରା :** ଅଧିକ ଦୁଗ୍ଧ ଦେଉଥିବା ଗାଈଙ୍କଠାରେ ଏହି ରୋଗ ହୁଏ । ଏହା ଏକ ଜୀବାଣୁ ଜନିତ ରୋଗ । ଏହି ରୋଗ ହେଲେ ପହ୍ନା ଫୁଲି ଲାଲ୍ ହୋଇଯାଏ ଏବଂ ହାତକୁ ଟାଣ ଲାଗେ । ଚିରରୁ କ୍ଷୀର ବଦଳରେ ବହଳିଆ ପୂଜ ପରି ପଦାର୍ଥ ନିର୍ଗତ ହୁଏ । ଶୀଘ୍ର ଚିକିତ୍ସା କରାନଗଲେ ଚିରଟି ନଷ୍ଟ ହୋଇଯାଏ । ଗୁହାଳ ଅପରିଷ୍କାର ହେଲେ, ପହ୍ନାରେ ଗୋବର, ମାଟି, କାଦୁଅ ଲାଗିଲେ, ଏହି ରୋଗ ହୋଇଥାଏ । ଏହା ଏକ ମାରାତ୍ମକ ରୋଗ । ଏହି ରୋଗ ଯୋଗୁଁ ଗାଈଟି ସବୁଦିନ ପାଇଁ ଦୁଗ୍ଧ ନ ଦେଇପାରି ଅକାମି ହୋଇଯାଏ ।

**ଚିକିତ୍ସା :** ଏହି ରୋଗରେ ପେଣ୍ଡିଷ୍ଟ୍ରିନ୍, ଟିଲକ୍ସ, ଜେଣ୍ଟାମାଇସିନ୍, ଆଦି ଔଷଧ ପ୍ରୟୋଗ କରାଯାଇଥାଏ । ପଶୁ ଚିକିତ୍ସକଙ୍କ ପରାମର୍ଶରେ ଏହା କରାଯାଇପାରେ ।

୫. **ରକ୍ତ ପରିସ୍ରା :** ଏହି ରୋଗ ହେଲେ ଶରୀରରେ ଉତ୍ତାପ ୧୦୪° ରୁ ୧୦୫° ଫାରେନହିଟ୍ ପର୍ଯ୍ୟନ୍ତ ବଢ଼ିଯାଏ । ଗାଈ ଖାଦ୍ୟ ଖାଏ ନାହିଁ । ପରିସ୍ରା ଗାଢ଼ ଖଇରିଆ ରଙ୍ଗର ହୋଇଥାଏ । ଏହା ଏକ ମାରାତ୍ମକ ରୋଗ । ଚିକିତ୍ସାରେ ବିଳମ୍ବ କଲେ ପଶୁଟି ମୃତ୍ୟୁ ମୁଖରେ ପଡ଼େ ।

**ଚିକିତ୍ସା :** ପଶୁ ଚିକିତ୍ସକଙ୍କ ପରାମର୍ଶ କ୍ରମେ ବେରେନିଲ ଔଷଧ ପ୍ରୟୋଗ କରାଯାଇ ଏହି ରୋଗର ଚିକିତ୍ସା କରାଯାଇଥାଏ ।

୬. **ଫାଟୁଆ :** ଏହା ଏକ ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ଏହି ରୋଗ ସାଧାରଣତଃ ଦ୍ୱିଖୁରା ବିଶିଷ୍ଟ ପ୍ରାଣୀମାନଙ୍କୁ ହୋଇଥାଏ । ସଂକ୍ରମିତ ପଶୁର ପ୍ରଧାନ ଲକ୍ଷଣ ଗୁଡ଼ିକ ହେଲା – ପାଟିରୁ ଫେଣ ବାହାରିବା, ପାଟି ଭିତରେ ଓ ଜିଭରେ ଫୋଟକା ଭଳି କ୍ଷତ ହେବା, ଖୁରା ସନ୍ଧିରେ ଘା ହେବା, ପଶୁ ଗୋଡ଼ କଚାଡ଼ିବା ଇତ୍ୟାଦି । ଏହି ରୋଗ ହେଲେ ପଶୁ ଖାଏ

ନାହିଁ । ବାଛୁରୀମାନେ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ନ୍ତି ଓ ଦୁଧିଆଳୀ ଗାଈମାନଙ୍କର ଦୁଗ୍ଧ ଉତ୍ପାଦନ କମିଯାଏ ।

**ଚିକିତ୍ସା** : ଖୁରା ଓ ମୁହଁକୁ ଶତକଡ଼ା ୫ ଭାଗ ପଟାସିୟମ ପରମାଙ୍ଗାନେଟ୍ ନଖ ଉଷୁମ ପାଣିରେ ଧୋଇଦେବା ଉଚିତ୍ । ଖୁରାକୁ ଭଲଭାବରେ ପରିଷ୍କାର କରି ଟରପେନ୍‌ଟାଇନ୍ ତେଲ ପକାଇ ପଟି ବାନ୍ଧିବା ଦରକାର, ଅନ୍ୟଥା କ୍ଷତ ସ୍ଥାନରେ ପୋକ ହୋଇ ଘା' ଶୁଖିବାରେ ଅସୁବିଧା ସୃଷ୍ଟି କରିଥାଏ । ଖାଇବା ସୋଡ଼ା ପାଣିରେ କ୍ଷତ ସ୍ଥାନକୁ ପରିଷ୍କାର କରାଯାଇପାରେ । ଏହି ରୋଗ ନହେବା ପାଇଁ ପ୍ରତିଷେଧକ ଟୀକା ରହିଛି । ଏହି ଟୀକା ସରକାର ରିହାତି ମୂଲ୍ୟରେ ଯୋଗାଇ ଦେଉଛନ୍ତି । ଏଣୁ ସମସ୍ତ ପଶୁଙ୍କୁ ଏହି ଟୀକା ଦିଆଯିବା ଉଚିତ୍ ।

୬. **ଗୋ–ମଡ଼କ** : ଏହା ଏକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ଏହି ରୋଗ ହେଲେ ଶାରୀରିକ ଉତ୍ତାପ ଅତିମାତ୍ରାରେ ବଢ଼ିଯାଏ । ଶ୍ଲେଷ୍ମିକ ଝିଲ୍ଲୀରେ ଘା ହୋଇ ପ୍ରଦାହ ହୁଏ । ଆଖି ଲାଲ୍ ଦେଖାଯାଏ ଓ ପିତ୍‌କାରୀ ମାରିବା ପରି ଦୁର୍ଗନ୍ଧ ଯୁକ୍ତ ତରଳ ଝାଡ଼ା ହୁଏ । ଜିଭ, ଓଠ ଭିତରେ ପଟେ ଏବଂ ଦାନ୍ତ ମାଢ଼ିରେ ଫୋଟକା ହୋଇ ଘା' ହୋଇଯାଏ । ରୋଗ ଦେଖିବାରେ ୨୪ ଘଣ୍ଟା ମଧ୍ୟରେ ପଶୁର ମୃତ୍ୟୁ ହୁଏ ।

**ଚିକିତ୍ସା** : ଏହି ରୋଗ ହେବା ମାତ୍ରେ ପଶୁ ଚିକିତ୍ସକଙ୍କର ପରାମର୍ଶ କରିବା ଦରକାର । ଏହି ରୋଗ ନହେବା ପାଇଁ ପ୍ରତିଷେଧକ ଟୀକା ରହିଛି । ନିୟମିତ ବ୍ୟବଧାନରେ ଟୀକା ଦେଲେ ଏହି ରୋଗ ହେବ ନାହିଁ ।

୮. **ସାହାଣା ବା ଚଣ୍ଟିଫୁଲା** : ଏହା ଏକ ଜୀବାଣୁ ଜନିତ ସଂକ୍ରାମକ ରୋଗ । ବର୍ଷା ଋତୁରେ କିମ୍ବା ବର୍ଷା ଋତୁର ପରେ ପରେ ଏହି ରୋଗ ଦେଖାଯାଏ । ଏହି ରୋଗର ଲକ୍ଷଣ ଗୁଡ଼ିକ ହେଲା – ଅତିମାତ୍ରାରେ ଶାରୀରିକ ଉତ୍ତାପ ବୃଦ୍ଧି, ଆଖିରୁ ପାଣି ବୋହିବା, ପାଟିରୁ ଲାଳ ବୋହିବା ଓ ନାକରୁ ସିଙ୍ଗାଣି ବୋହିବା । ଗଳାଅଞ୍ଚଳ ଫୁଲି ଯାଏ । ପଶୁ କିଛି ଖାଏ ନାହିଁ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରେ । ପଶୁଟି ଚାରିକାତ ମେଲାଇ ପଡ଼ିରହେ ଓ ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁ ମୁଖରେ ପଡ଼େ ।

**ଚିକିତ୍ସା** : ପଶୁକୁ ୪ଟି ରୁ ୮ଟି ସଲଫା ମେଡାଥିନ୍ ବଟିକା ଏକା ସଙ୍ଗେ ଖୁଆଇବା ଦରକାର

ଓ ସଙ୍ଗେ ସଙ୍ଗେ ପଶୁ ଚିକିତ୍ସକଙ୍କୁ ଡ଼ାକି ଦେଖାଇବା ଉଚିତ୍ । ଏହି ରୋଗ ନହେବା ପାଇଁ ନିୟମିତ ପ୍ରତିଷେଧକ ଟୀକା ଦେବା ଉଚିତ୍ ।

୯. **ବଜବଜିଆ ବା ଚଟୁଆ ଫୁଲା :** ଏହା ଏକ ଜୀବାଣୁ ଜନିତ ସଂକ୍ରମକ ରୋଗ । ସାଧାରଣତଃ ବାଛୁରୀ ଓ ଛଡ଼ାମାନଙ୍କୁ (ତିନି ବର୍ଷରୁ କମ୍ ବୟସ୍କ) ଏହି ରୋଗ ହୋଇଥାଏ । ଆକ୍ରାନ୍ତ ପଶୁ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ମୃତ୍ୟୁମୁଖରେ ପଡ଼େ । ଏହି ରୋଗ ହେଲେ ଶାରୀରିକ ଉତ୍ତାପ ୧୦୬° ରୁ ୧୦୮° ଫାରେନହିଟ୍ ପର୍ଯ୍ୟନ୍ତ ହୋଇଥାଏ । ପଛଗୋଡ଼ ଛୋଟେଇବା, ଆଗ କିମ୍ବା ପଛ ଚଟୁଆ ଫୁଲିବା ଓ ଚିପିଲେ ବଜବଜ ହେବା ଏହି ରୋଗର ଲକ୍ଷଣ ।

**ଚିକିତ୍ସା :** ସଙ୍ଗେ ସଙ୍ଗେ ପଶୁ ଚିକିତ୍ସକଙ୍କର ପରାମର୍ଶ ନେବା ଦରକାର । ଏହି ରୋଗର ପ୍ରତିଷେଧକ ଟୀକା ରହିଛି । ଯଦି ଏହି ରୋଗରେ ପଶୁର ମୃତ୍ୟୁ ହୁଏ, ତାକୁ ଗଭୀର ଖାତ କରି ପୋତିଦେବା ଦରକାର ।

*ଗୋ-ଜାତି ପ୍ରତି ହେଲେ ଭକ୍ତି, ବଢ଼ିବ ଧନ ଜନ ଶକ୍ତି ।*



# ଗାଈ, ଗୋରୁ, ମଇଁଷିମାନଙ୍କର ପ୍ରତିଷେଧକ ଟୀକା ନିର୍ଘଣ୍ଟ

| କ୍ର. ନଂ. | ରୋଗର ନାମ | କେଉଁ ବୟସରେ ଟୀକା ଆବଶ୍ୟକ | ମାତ୍ରା | ଟୀକା ଦେବାର ସ୍ଥାନ | ଟୀକା ଦେବା ମାସ | ରୋଗ ପ୍ରତିଷେଧକ ଶକ୍ତି ରହିବାର ସମୟସୀମା |
|---|---|---|---|---|---|---|
| ୧. | ଗୋମଡ଼କ | ୩ ମାସ ବେଳେ ପ୍ରଥମ ଟୀକା<br>୬ ମାସ ବେଳେ ୨ୟ ଟୀକା<br>ପ୍ରତ୍ୟେକ ବର୍ଷ (ବୁଷ୍ଟର) | ୧ ସି.ସି.<br>୧ ସି.ସି.<br>୧ ସି.ସି. | ଚମ ତଳେ<br>ଚମ ତଳେ<br>ଚମ ତଳେ | ---<br>---<br>ଜାନୁଆରୀ | ---<br>---<br>୩ ବର୍ଷ |
| ୨. | ସ୍ପୋଟକ | ୪ ମାସ ବେଳେ ପ୍ରଥମ ଟୀକା<br>ପ୍ରତ୍ୟେକ ବର୍ଷ (ବୁଷ୍ଟର) | ୧ ସି.ସି.<br>୧ ସି.ସି. | ଚମ ତଳେ<br>ଚମ ତଳେ | ---<br>ମାର୍ଚ୍ଚ | ---<br>୧ ବର୍ଷ |
| ୩. | ଫାଟୁଆ | ୬ ସପ୍ତାହ ବେଳେ ୧ମ ଟୀକା<br>୧୦ ସପ୍ତାହ ବେଳେ ୨ୟ ଟୀକା<br>ପ୍ରତ୍ୟେକ ୬ ମାସରେ (ବୁଷ୍ଟର) | ୧୦ ସି.ସି.<br>୧୦ ସି.ସି.<br>୧୦ ସି.ସି. | ଚମ ତଳେ<br>ଚମ ତଳେ<br>ଚମ ତଳେ | ---<br>---<br>ମାର୍ଚ୍ଚ/ଅପ୍ରେଲ ଓ ଅକ୍ଟୋବର/ନଭେମ୍ବର | ---<br>---<br>୬ ମାସ |
| ୪. | ସାହାଣା | ୪ ମାସ ବେଳେ ୧ମ ଟୀକା<br>ପ୍ରତ୍ୟେକ ବର୍ଷ ବୁଷ୍ଟର | ୩ ସି.ସି.<br>୫ ସି.ସି. | ଚମ ତଳେ<br>ମାଂସ ପେଶୀରେ | ---<br>ମଇ | ---<br>୧ ବର୍ଷ |
| ୫. | ବଜବଜିଆ | ୪ ମାସ ବେଳେ ୧ମ ଟୀକା<br>ବାର୍ଷିକ (ବୁଷ୍ଟର) (୩ ବର୍ଷ ମଧ୍ୟରେ ଗୋମହିଷାଦି ପଶୁଙ୍କୁ ଦିଆଯିବ) | ୧ ସି.ସି.<br>୩ ସି.ସି. | ଚମ ତଳେ<br>ଚମ ତଳେ | ---<br>ମଇ | ---<br>୧ ବର୍ଷ |
| ୬. | ଫାଟୁଆ<br>ସାହାଣା<br>ବଜବଜିଆ<br>(ଟ୍ରାଓଭାଳ) | ୪ ମାସରୁ ଊର୍ଦ୍ଧ୍ୱ ସମସ୍ତ ଗୋମହିଷାଦି ପଶୁଙ୍କୁ ଦିଆଯିବ | ୩ ସି.ସି. | ଚମ ତଳେ | ମାର୍ଚ୍ଚ/ଅପ୍ରେଲ ଓ ଅକ୍ଟୋବର/ନଭେମ୍ବର | ୧ ବର୍ଷ |

# ପ୍ରାଥମିକ ଚିକିତ୍ସାରେ ବ୍ୟବହୃତ ବିଭିନ୍ନ ଔଷଧ ଓ ତାହାର ପ୍ରୟୋଗ

ଆମ ରାଜ୍ୟରେ ପଶୁ ଚିକିତ୍ସା କାର୍ଯ୍ୟକ୍ରମ କେତେକ ଅଞ୍ଚଳରେ ସୀମାବଦ୍ଧ । ତେଣୁ କୃଷକକୁ ନିଜ ରୋଗାକ୍ରାନ୍ତ ପଶୁର ଚିକିତ୍ସା ପାଇଁ ବହୁଦୂର ଯିବାକୁ ପଡ଼ିଥାଏ । ଅଧୁନା ଗାଁ ଗହଳିର ଲୋକମାନେ ଅଧିକ ଦୁଗ୍ଧ ଉତ୍ପାଦନ ଓ ପଶୁ ସମ୍ପଦର ବିକାଶ ପାଇଁ ଉନ୍ନତ ମାନର ସଙ୍କର ଗାଈ ଓ ବାଛୁରୀ ପାଳନ କରୁଛନ୍ତି । ଏହି ଗାଈ ଓ ବାଛୁରୀମାନେ ବହୁବିଧ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । କେତେକ କ୍ଷେତ୍ରରେ କେବଳ ପ୍ରାଥମିକ ଚିକିତ୍ସା ଦ୍ୱାରା ଉପଶମ ମିଳିଥାଏ । କିନ୍ତୁ ଅନ୍ୟ କେତେକ କ୍ଷେତ୍ରରେ ଏହା ଡାକ୍ତର ଆସିବା ପର୍ଯ୍ୟନ୍ତ ରୋଗର ବୃଦ୍ଧି ନଘଟାଇ ସାମୟିକ ଉପଶମ ଦେଇଥାଏ । ଏହାଦ୍ୱାରା ରୋଗରୁ ଗାଈଙ୍କୁ ମୃତ୍ୟୁ ହାର କମିଯିବା ସଙ୍ଗେ ସଙ୍ଗେ ଦୁଗ୍ଧ ଉତ୍ପାଦନ ପରିମାଣ ତଥା କାର୍ଯ୍ୟ ଦକ୍ଷତାରେ କୌଣସି ଆଞ୍ଚ ଆସେ ନାହିଁ । ଏଣୁ ପଶୁମାନଙ୍କର ପ୍ରାଥମିକ ଚିକିତ୍ସାରେ ବ୍ୟବହୃତ ବିବିଧ ଔଷଧ ଓ ସେଗୁଡ଼ିକର ପ୍ରୟୋଗ ପ୍ରତ୍ୟେକ ଚାଷୀ ଜାଣିବା ଏକାନ୍ତ ବାଞ୍ଛନୀୟ ।

୧. **ସଲଫା ନିଲାମାଇଡ୍ ପାଉଡ଼ର** : ଏହା ଏକ ଧଳା କିମ୍ବା ଇଷତ୍ ହଳଦିଆ ରଙ୍ଗର ପାଉଡ଼ର । ଏହା ପ୍ରଧାନତଃ ବାହ୍ୟକ୍ଷତ, ସଂକ୍ରମିତ ଘା, ପୋଡ଼ା ଘା, ଅସ୍ତ୍ର ଚିକିତ୍ସା ଜନିତ କଟା ସ୍ଥାନ ଓ ବିଷାର୍ପିତ ଘା'ର ଚିକିତ୍ସା ପାଇଁ ବ୍ୟବହୃତ ହୁଏ । ଏହାକୁ ପାଉଡ଼ର ଭାବରେ କିମ୍ବା ଭେସଲିନ ବା ତରଳ ପାରାଫିନ୍‌ରେ ମିଶାଇ ମଲମ ଭାବରେ ବ୍ୟବହାର କରାଯାଇପାରେ । ଏହି ପାଉଡ଼ରରେ ରୋଗ ଜୀବାଣୁ ବୃଦ୍ଧି ନିରୋଧକାରୀ ଓ ରୋଗ ଜୀବାଣୁ ବିନାଶକାରୀ ଗୁଣ ଅଛି ।

୨. **ଜିଙ୍କ୍ ଅକ୍ସାଇଡ୍ ପାଉଡ଼ର** : ଏହା ଏକ ମସୃଣ ଧଳା କିମ୍ବା ଇସତ୍ ହଳଦିଆ ଗନ୍ଧହୀନ ଓ ସ୍ୱାଦହୀନ ପାଉଡ଼ର ଅଟେ । ଏହାକୁ ପାଉଡର ଭାବରେ କିମ୍ବା ଭେସଲିନ୍ ବା ପାରାଫିନ୍ ସହ ମିଶାଇ ମଲମ ଭାବରେ ଏକ୍‌ଜିମା ଓ ବାହ୍ୟ ଘା'ରେ ବ୍ୟବହାର କରାଯାଇପାରେ । ଏହା ମୃଦୁ ଜୀବାଣୁ ନାଶକ ଓ ଜୀବନ ରକ୍ଷାକାରୀ ଅଟେ ।

୩. **ପଟାସିୟମ୍ ପରମାଙ୍ଗାନେଟ୍** : ଏହା ଏକ ଦୁର୍ଗନ୍ଧନାଶକାରୀ ଜୀବାଣୁ ନାଶକ ଔଷଧ । ଏହା ଦେଖିବାକୁ ଗାଢ଼ ବାଇଗଣୀ ରଙ୍ଗର ଏକ ଚିକ୍‌କଣ ଦାନାଦାର ଗୁଣ୍ଡ । ଜଳ ସହିତ ପଟାସ୍

ପରମାଙ୍ଗାନେଟ୍ ମିଶ୍ରଣ (୧ ଭାଗ ପ.ପା. : ୨୦ ଭାଗ ଜଳ) ହେଲେ ତାହା ଅତ୍ୟଧିକ ବାଇଗଣି ରଙ୍ଗ ଦେଖାଯାଏ । ଏହି ମିଶ୍ରଣ ଜୀବାଣୁ ନାଶକ ଭାବରେ ଘା' ଧୋଇବାରେ, ଖୋଲାବଥ, ପଚା ଘା', କାନ ପଚା, ଜରାୟୁ ପ୍ରଦାହ ରୋଗ, ଜରାୟୁ ଦ୍ୱାର ଫୁଲା ରୋଗରେ ବ୍ୟବହୃତ ହୁଏ । ପଟାସିୟମ୍ ପରମାଙ୍ଗାନେଟ୍ ଦାନା ଦଗ୍ଧକାରକ ଦାହକ ହିସାବରେ କୁକୁର କାମୁଡ଼ିଥିବା ସ୍ଥାନ, ବେଙ୍ଗାଡ଼ଣା ମାରିବା ପାଇଁ ବ୍ୟବହୃତ ହୁଏ ।

୪. **ଟିଙ୍କଚର ବେନଜିନ୍** : ସାଧାରଣତଃ ଏହା ଜୀବାଣୁ ନାଶକ ଡ୍ରେସିଂ (ପଟି ବାନ୍ଧିବା) ଔଷଧ ଭାବରେ ବ୍ୟବହୃତ ହୁଏ । ଭଙ୍ଗା ଶିଙ୍ଗ, କଟା ଓ ଆଞ୍ଚୁଡ଼ା ସ୍ଥାନରୁ ରକ୍ତକ୍ଷରଣ ବନ୍ଦ କରିବା ପାଇଁ ଏହା ଏକ ଉତ୍କୃଷ୍ଟ ଔଷଧ । ଟିଙ୍କଚର ବେନଜିନ୍‌ର ପ୍ରଧାନ ଗୁଣ ହେଲା ଯେ, ଏହା ଘା' ନଶୁଖିବା ପର୍ଯ୍ୟନ୍ତ ତୁଳା ବା କନାକୁ ଘା' ସହିତ ଜଡ଼ାଇ ଧରେ । ଟିଙ୍କଚର ବେନ୍‌ଜିନ୍‌କୁ ଗରମ ପାଣିରେ ପକାଇ ତା'ର ବାଷ୍ପକୁ ପ୍ରଶ୍ୱାସରେ ଗ୍ରହଣ କଲେ, ଶ୍ୱାସନଳୀର ପ୍ରଦାହ ରୋଗରୁ ଉପଶମ ମିଳେ ।

୫. **ଟିଙ୍କଚର ଆୟୋଡିନ୍** : ଟିଙ୍କଚର ଆୟୋଡିନ୍ ରକ୍ତ ସଞ୍ଚାଳନରେ ବୃଦ୍ଧି ଘଟାଏ ଏବଂ ଏହା ମଧ୍ୟ ଜୀବାଣୁ ନାଶକ ଭାବରେ କାର୍ଯ୍ୟ କରେ । ଏହାକୁ ଇଞ୍ଜେକ୍‌ସନ ଦେବା ପୂର୍ବରୁ, ଇଞ୍ଜେକ୍‌ସନ ଦେବା ସ୍ଥାନରେ ଓ ଅସ୍ତ୍ର ଚିକିତ୍ସା ସ୍ଥାନରେ ଲଗାଯାଇଥାଏ । ଏହା ଚର୍ମର ବିଶୋଧକ ଭାବରେ କାର୍ଯ୍ୟକରେ । ଏହାକୁ ମଧ୍ୟ ସଦ୍ୟ ଘା'ର ଡ୍ରେସିଂ ପାଇଁ ବ୍ୟବହାର କରାଯାଏ । ଟିଙ୍କଚର୍ ଆୟୋଡିନ୍‌କୁ ଚର୍ମ ଉପର ଘା'ରେ ବ୍ୟବହାର କଲେ, ବ୍ୟବହାର ପରେ ଘା'ରେ ପଟି ବାନ୍ଧିଦେବା ସହ ପାଣି ନ ଲାଗିବା ପାଇଁ ସତର୍କତା ଅବଲମ୍ବନ କରାଯିବା ଉଚିତ୍ ।

୬. **ଟର୍‌ପେନ୍‌ଟାଇନ୍ ତେଲ** : ଏହା ଏକ ନିର୍ଦ୍ଦିଷ୍ଟ ଗନ୍ଧଯୁକ୍ତ ରଙ୍ଗହୀନ ସ୍ୱଚ୍ଛ ଔଷଧ । ଟର୍‌ପେନ୍‌ଟାଇନ୍ ତେଲ ମାଛି ନିବାରକ ଓ ପ୍ରଦାହ ନିବାରକ ଭାବରେ କାର୍ଯ୍ୟକରେ । ଏହି ତେଲ ଦୁର୍ଘଟଣା ଜନିତ କ୍ଷତ, ପଚି ଯାଇଥିବା ଓ ଫାଟୁଆ ରୋଗ ଜନିତ ଘା' ସଫା କରିବାରେ ବ୍ୟବହାର କଲେ, ଅଧିକ ଫଳପ୍ରଦ ହୋଇଥାଏ । ଲିନ୍‌ସିଡ୍ ତେଲ ବା ରାଶୀ ତେଲ ସହ ଏହାକୁ ଖୁଆଇଲେ, ଏହା ପେଟ ଭିତରେ ଜମି ରହିଥିବା ଗ୍ୟାସ୍‌କୁ ନିର୍ଗତ କରାଏ ଓ ଗ୍ୟାସ୍ ବୃଦ୍ଧିକୁ ରୋକିଥାଏ ।

୭. **କ୍ୟାରନ୍ ତେଲ** : ଚୂନ ପାଣି ଓ ରାଶୀ ତେଲରୁ ସମାନ ସମାନ ଭାଗ ମିଶାଇ କ୍ୟାରନ୍ ତେଲ ତିଆରି କରାଯାଏ । ଚର୍ମ ପୋଡ଼ା ରୋଗରେ ଏହି ଔଷଧ ବ୍ୟବହୃତ ହୁଏ ।

୮. **କାଷ୍ଟର ତେଲ ବା ଜଡ଼ାତେଲ :** ଏହା ଏକ ରଙ୍ଗହୀନ ଈଷତ୍ ହଳଦିଆ ଚହଟିଆ ତେଲ । ଝାଡ଼ା ହେଉନଥିଲେ ଏହି ତେଲକୁ ଝାଡ଼ା କରାଇବା ପାଇଁ ବିଶେଷ ଭାବରେ ବ୍ୟବହାର କରାଯାଏ । ପତଳା ଝାଡ଼ା ହେବାର ପ୍ରଥମାବସ୍ଥାରେ, ଆମାଶୟରେ ଓ ଅନ୍ତ ପ୍ରଦାହରେ କାଷ୍ଟର ବା ଜଡ଼ାତେଲ ଖୁଆଇଲେ ଅନ୍ତନାଳୀରେ ଥିବା ଦୂଷିତ ପଦାର୍ଥ ଧୋଇଯାଏ । ଆଖିରେ କିଛି ବାହ୍ୟ ଜିନିଷ ପଡ଼ିଗଲେ, ଏଥିରୁ ୨/୪ ଟୋପା ଆଖିରେ ପକାଇଲେ ଉପଶମ ମିଳେ । ଦେହରେ ଏସିଡ୍ କିମ୍ବା ଆଲକାଲି ପ୍ରଭୃତି ପଡ଼ିଗଲେ, ଏହାକୁ ଲଗାଇଲେ ପୀଡ଼ା କମିଯାଏ ।

୯. **ଏଣ୍ଟ୍ରେଫ୍ଲିନ୍ :** ଏହା ଏକ କମଳା ରଙ୍ଗର ଦାନାଦାର ଗୁଣ୍ଡ ଔଷଧ । ଏହାକୁ ପାଣିରେ ମିଶାଇଲେ ହଳଦିଆ ଦେଖାଯାଏ । ଏହା ଦାହକ ଶକ୍ତିହୀନ ଏକ ବିଶୋଧକ ଔଷଧ । ଏହାକୁ ମଲମ ଭାବରେ ବା ପାଣିରେ ମିଶ୍ରଣ କରି ଘା', ବଥ, କଟାଘା' ଓ ଫୁଲା ସ୍ଥାନରେ ଲଗାଇଲେ ଉପଶମ ମିଳେ ।

୧୦. **ଏମୋନିଆ କାରବୋନେଟ୍ :** ଏହା ଏକ ଧଳା ଦାନାଦାର ଏମୋନିଆ ଗନ୍ଧଯୁକ୍ତ ଗୁଣ୍ଡ । ଏହାକୁ କାଶ, ନିମୋନିଆ, କଣ୍ଠନାଳୀ ପ୍ରଦାହ ଓ ଶ୍ୱାସନଳୀ ପ୍ରଦାହ ଆଦି ରୋଗର ଏକ ମିଶ୍ରଣ ଉପାଦାନ ଭାବରେ ଓ ମକଚା, ଗଣ୍ଠିରୋଗ ଓ ଘାତ ରୋଗର ତରଳ ପ୍ରଲେପର ଏକ ଉପାଦାନ ଭାବରେ ବ୍ୟବହାର କରାଯାଏ ।

୧୧. **ପାଇପେରାଜିନ୍ :** ଗାଈ ଗୋରୁ ମାନଙ୍କଠାରେ ଦେଖାଯାଉଥିବା ବିଭିନ୍ନ କୃମିମାନଙ୍କ ମଧ୍ୟରୁ ଜିଆ ଜାତୀୟ ଗୋଲ କୃମି ଅନ୍ୟତମ । ଏହା ବିଶେଷତଃ ଗାଈ ଓ ମଇଁଷିର କଅଁଳା ବାଛୁରୀମାନଙ୍କ ଠାରେ ଦେଖାଯାଆନ୍ତି । ଏହି ଜିଆ ଜାତୀୟ ଗୋଲ କୃମିକୁ ମାରିବା ପାଇଁ ପାଇପେରାଜିନ୍ ଜାତୀୟ ଔଷଧ ବ୍ୟବହାର କରାଯାଏ । ଏଥିପାଇଁ ପ୍ରସ୍ତୁତ ଔଷଧ ବଜାରରେ ମିଳୁଅଛି ଯାହାକୁ ଶାରୀରିକ ଓଜନ ଓ ବୟସ ଅନୁପାତରେ ଖୁଆଇବାକୁ ପଡ଼ିଥାଏ ।

୧୨. **ସଲଫର୍ ଅଏଣ୍ଟମେଣ୍ଟ୍ ବା ଗନ୍ଧକ ମଲମ :** ଏହି ଔଷଧ ଭେସ୍‌ଲିନ୍ ଓ ଗନ୍ଧକ (୮:୧)ର ମିଶ୍ରଣରେ ପ୍ରସ୍ତୁତ କରାଯାଏ । ଏହା ଏକ ବାହ୍ୟକୀଟନାଶକ ଔଷଧ । ବିଭିନ୍ନ ଚର୍ମରୋଗ ଯଥା– ଯାଦୁ, ଏକ୍‌ଜିମା ଓ ମେଞ୍ଜ ରୋଗର ଏହା ଏକ ଆଦର୍ଶ ଔଷଧ । ଏହି ମଲମକୁ ନିୟମିତ ଭାବରେ ୩ ଦିନରୁ ଅଧିକ ବ୍ୟବହାର କଲେ ଚର୍ମ ରୋଗରୁ ଉପଶମ ମିଳେ ।

୧୩. **ଆୟୋଡ଼ିନ୍ ମଲମ :** ଆୟୋଡ଼ିନ୍ ମଲମ ନିମ୍ନଲିଖିତ ଉପାଦାନ ଓ ଭାଗର ମିଶ୍ରଣରେ ତିଆରି କରାଯାଏ ।

| | | | |
|---|---|---|---|
| ୧. | ଆୟୋଡ଼ିନ୍ | : | ୪ ଭାଗ |
| ୨. | ପଟାସିୟମ୍ ଆୟୋଡ଼ାଇଡ୍ | : | ୪ ଭାଗ |
| ୩. | ଗ୍ଲିସେରିନ୍ | : | ୧୨ ଭାଗ |
| ୪. | ଭେସ୍‌ଲିନ୍ | : | ୮୦ ଭାଗ |

ଗଣ୍ଠି ଫୁଲା ଓ ଅନ୍ୟାନ୍ୟ ଫୁଲାର ଚିକିତ୍ସା ପାଇଁ ଏହା ବ୍ୟବହାର କରାଯାଏ ।

**୧୪. ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍** : ଏହା ଏକ ରଙ୍ଗହୀନ, ଗନ୍ଧହୀନ, ପିତା ସ୍ୱାଦର ଦାନାଦାର କିମ୍ବା ଗୁଣ୍ଡ ଜାତୀୟ ଔଷଧ । ଏହି ଔଷଧ କ୍ଷୁଧାହୀନତା ରୋଗ, କୋଷ୍ଠକାଠିନ୍ୟ ରୋଗ ଓ ବର୍ହି ଅଂଶର ଫୁଲାରେ ବ୍ୟବହୃତ ହୁଏ । ମ୍ୟାଗ୍ନେସିୟମ୍ ସଲଫେଟ୍‌କୁ ଉଷୁମ ପାଣିରେ ପକାଇ ସଂକ୍ରମିତ ଘା'ର ପଟି ଉପରେ, ଆଣ୍ଠୁ ଫୁଲାରେ, ପହ୍ନା ଫୁଲାରେ ବ୍ୟବହାର କଲେ ଉପଶମ ମିଳେ । ଯଦି ପୁରାତନ ଘା'ରେ ଏହାକୁ ଲଗାଯାଏ, ତେବେ ଏହା ମଲା ପେଶୀକୁ ବାହାର କରିଦିଏ ଓ ଘା'କୁ ସତେଜ ରଖେ । ଏହା ଏକ ଉତ୍କୃଷ୍ଟ ବିରେଚକ ମଧ୍ୟ ।

*ଗୋ-ସେବା ଗୋ-ଦାନ ସମାନ, ପୁଣ୍ୟ ସ୍ୱୀକୃତ ନାହିଁ ଆନ ।*



# ପରିଷ୍କାର ଦୁଗ୍ଧ ଉତ୍ପାଦନ

## ପରିଷ୍କାର ଦୁଗ୍ଧ ଉତ୍ପାଦନର ଗୁରୁତ୍ୱ

ଦୁଗ୍ଧ ଶୀଘ୍ର ନଷ୍ଟ ହୋଇଯାଏ । ଅପରିଷ୍କାର ଦୁଗ୍ଧ ଆହୁରି ଶୀଘ୍ର ନଷ୍ଟ ହୋଇଯାଏ । ଖଟା ଓ ଦୁର୍ଗନ୍ଧପୂର୍ଣ୍ଣ ଦୁଗ୍ଧ ଓ ଲହୁଣୀ ସହଜରେ ବିକ୍ରୀ ହୋଇପାରେ ନାହିଁ । ଯଦିବା ଗୋପାଳକ ବିକ୍ରୀ କରିବାର କେବେ ସୁବିଧା ପାଏ, ତେବେ ଭଲ ଦୁଗ୍ଧକୁ ଯେତିକି ପଇସାରେ ବିକନ୍ତା, ଅପରିଷ୍କାର ଦୁଗ୍ଧକୁ ତାଠୁଁ ବହୁ କମ୍ ଦରରେ ବିକ୍ରୀ କରିଥାଏ । ଆହୁରି ମଧ୍ୟ ଅପରିଷ୍କାର ଦୁଗ୍ଧ ଓ ତହିଁରୁ ଜାତ ଦ୍ରବ୍ୟର ଗୁଣାତ୍ମକମାନ ଭଲ ଦୁଗ୍ଧ ଓ ତହିଁରୁ ଉତ୍ପନ୍ନ ଦ୍ରବ୍ୟଠାରୁ ନିକୃଷ୍ଟ ଧରଣର ହୋଇଥାଏ । ଅନ୍ୟ ପକ୍ଷରେ ଉତ୍କୃଷ୍ଟମାନର ଦୁଗ୍ଧଜାତ ଦ୍ରବ୍ୟ କେବଳ ଯେ ଅଧିକ ଦରରେ ବିକ୍ରୀ ହୁଏ ତା ନୁହେଁ ଅଧିକ ପରିମାଣରେ ମଧ୍ୟ ବିକ୍ରୀ କରାଯାଇଥାଏ । ଖାଉଟିମାନେ ନିକୃଷ୍ଟ ଗୁଣର ଦୁଗ୍ଧକୁ ନାପସନ୍ଦ କରୁଥିବା ସ୍ଥଳେ ଉତ୍କୃଷ୍ଟ ଗୁଣର ଦୁଗ୍ଧର ବଜାରରେ ଚାହିଦା ବଢ଼ିଥାଏ ।

କେବଳ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିକୃଷ୍ଟ ଗୁଣର ଦୁଗ୍ଧକୁ ଖାଉଟି ପସନ୍ଦ କରେ ନାହିଁ, ଏଇଟା ଏକମାତ୍ର କାରଣ ନୁହେଁ । ନିକୃଷ୍ଟ ଗୁଣର ଦୁଗ୍ଧକୁ ବେଶୀ ସମୟ ରଖିବା ସମ୍ଭବ ନୁହେଁ, କାରଣ ଏହା ଶୀଘ୍ର ନଷ୍ଟ ହୋଇଯାଏ । ଦୁଗ୍ଧ ଯେତେ ପରିଷ୍କାର ରହିବ, ତାହା ସେତେ ବେଶୀ ସମୟ ନିଖୁଣ ଓ ସ୍ୱାସ୍ଥ୍ୟପ୍ରଦ ଅବସ୍ଥାରେ ରହିପାରିବ ।

## ପରିଷ୍କାର ପରିସର - (ଅଗଣା ପ୍ରଭୃତି)

ପରିଷ୍କାର ପରିଚ୍ଛନ୍ନ ଗୁହାଳ ହୋଇଥିଲେ ଗାଈମାନେ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରୁହନ୍ତି । ଗୁହାଳର ଚଟାଣଟି ଜଳ ନିରୋଧକ ହେବା ଦରକାର, ଯେପରିକି ଏହାକୁ ସହଜରେ ପରିଷ୍କାର ଓ ବିଶୋଧନ କରାଯାଇପାରିବ । ଗୁହାଳରେ ଗୋରୁଙ୍କ ପଛ ଭାଗରେ ଗୋଟିଏ ୧୬ ଇଞ୍ଚ ରୁ ୧୮ ଇଞ୍ଚ ଓ ୭ ଇଞ୍ଚ ଗଭୀର ନଳା ଦରକାର ଓ ନଳାଟି ଆସ୍ତେ ଆସ୍ତେ ଗଡ଼ାଣିଆ ହୋଇ ପଦାକୁ ଯାଉଥିବା ଦରକାର । ଏହାଦ୍ୱାରା ଗୁହାଳରୁ ମୂତ୍ର ଓ ଗୁହାଳ ଧୂଆ ପାଣି ଭଲ ଭାବରେ ନିଷ୍କାସିତ ହୋଇପାରିବ । ଛାତ ଓ କାନ୍ଥ ସମତଳ ଓ ମସୃଣ ହେବା ଦରକାର । ଯେପରି ବୁଢ଼ିଆଣି ଜାଲ, ଧୂଳି ଅଳିଆ ପ୍ରଭୃତି ସହଜରେ ଲାଗି ପାରିବ ନାହିଁ । ଏଥିରେ ଆଲୋକ ଭଲଭାବରେ ପ୍ରବେଶ

କରିପାରୁଥିବ ଓ ଭଲଭାବେ ବାୟୁ ଚଳାଚଳ କରୁଥିବ । ଗୋଟିଏ ଗାଈ ପାଇଁ ୪ ବର୍ଗଫୁଟର ଝରକା ରଖିଲେ ଯଥେଷ୍ଟ ହେବ । ଝରକାରେ ମଶା, ମାଛି ନିରୋଧକ ଜାଲି ଲଗାଇଦେବା ଉଚିତ୍ । ଯଦି ଗୁହାଳଟି ଉତ୍ତର-ଦକ୍ଷିଣ ଦିଗକୁ ମୁହଁ କରି ତିଆରି କରାଯିବ, ତେବେ ସେଥିରେ ସକାଳେ ଓ ସନ୍ଧ୍ୟାରେ ସୂର୍ଯ୍ୟକିରଣ ପଡ଼ିପାରିବ ଏବଂ ଭଲ ପବନ ମଧ୍ୟ ସଞ୍ଚାଳନ ହେବ ।



ଗୁହାଳରେ ସବୁବେଳେ କିଛି ପରିମାଣରେ ଧୂଳି ରହେ ଓ ଗାଈ ଦୁହିଁବା ପୂର୍ବରୁ ଧୂଳି ବସିଯିବା ନିହାତି ଦରକାର । ସାଧାରଣ ଜଳ ଛିଞ୍ଚା ଯନ୍ତ୍ର ଦ୍ୱାରା ଗୁହାଳରେ ଜଳ ଛିଞ୍ଚିଦେଲେ ଧୂଳି ବସିଯିବ । ଗାଈ ଦୁହିଁବାର ଘଣ୍ଟାଏ ପୂର୍ବରୁ ସେମାନଙ୍କୁ ନଡ଼ା, କୁଟା ବା ଘାସ ଖାଇବାକୁ ଦିଅନ୍ତୁ ନାହିଁ । କାରଣ ଏହାଦ୍ୱାରା ଗୁହାଳରେ ଧୂଳି ଉଡ଼ିଥାଏ । ଧୂଳି ନଥିବା ସୁଷମ ଦାନା ଦିଆଯାଇପାରେ, ଯାହାକି ଗାଈଟିକୁ ଦୁଗ୍ଧ ଦୁହିଁବାବେଳେ ଧୀର ସ୍ଥିର ଓ ଶାନ୍ତ କରି ରଖିଥାଏ । ଗାଁ ଗହଳିରେ ଗାଈ ଓ ମଇଁଷିମାନଙ୍କୁ ପରିଷାର ସ୍ଥାନକୁ ନେଇ ଦୁହାଁ ଯାଇପାରେ । ଗୁହାଳରେ ପାଣି ଛାଟି ସବୁ ସମୟରେ ଏହାକୁ ସଫା ସୁତୁରା କରିବା ଦରକାର । ନଳାକୁ ମଧ୍ୟ ପରିଷାର ରଖିବା ଦରକାର ।

ମଶା, ମାଛି ଓ ଟିକ୍କର ପ୍ରାଦୁର୍ଭାବ କମେଇବା ପାଇଁ ଗୁହାଳକୁ ବର୍ଷକୁ ଅତି କମ୍‌ରେ ଦୁଇଥର ଚୂନ ଧଉଳା କରିବା ଦରକାର । ଛାତର ଭିତର ଭାଗକୁ ମଧ୍ୟ ଚୂନ ଧଉଳା କରିବା ନିହାତି ଦରକାର ।

## ଠିକ୍ ଭାବରେ ଦୁଗ୍ଧ ଦୁହିଁବା ପ୍ରଣାଳୀ

ଠିକ୍ ଭାବରେ ଦୁଗ୍ଧ ଦୁହିଁବା ପ୍ରଣାଳୀ ହେଲା ଯେ ହାତ ପୁରା ମୁଠାକରି ଓ ଶୁଖିଲା ହାତରେ ଗାଈ ଦୁହିଁବା । ହାତ ଶୁଖିଲା ରଖିବା ସଙ୍ଗେ ସଙ୍ଗେ ପହ୍ନା ଓ ଚିର ମଧ୍ୟ ଶୁଖିଲା ରହିବା ଦରକାର । ସବୁ ଆଙ୍ଗୁଳି ଓ ପାପୁଲି ଦୁଗ୍ଧ ଦୁହିଁଲାବେଳେ, ଦୁହିଁବାରେ ଲାଗିବା ଉଚିତ୍ । ଦୁହିଁବାବେଳେ ପୁରା ଚିରଟିକୁ ମୁଠି ମଧ୍ୟରେ ରଖିବା ଉଚିତ୍ ଯେପରି ଆଙ୍ଗୁଳିଗୁଡ଼ିକ ଏହାକୁ ଘେରି ରହିଥିବେ । ବୁଢ଼ା ଆଙ୍ଗୁଳିଟିକୁ ଭିତର ଆଡ଼କୁ ବଙ୍କା କରନ୍ତୁ ନାହିଁ । କାରଣ ଏହାଦ୍ୱାରା ଦୁଗ୍ଧ ଗ୍ରନ୍ଥିଗୁଡ଼ିକ ଅତ୍ୟଧିକ ଚାପ ଯୋଗୁଁ ଠିକ୍ ଭାବରେ ଦୁଗ୍ଧ ବାହାରିପାରେ ନାହିଁ ଏବଂ ଚିର ଫାଟି ଯିବା ବା ଖଣ୍ଡିଆ ହୋଇଯିବାର ସମ୍ଭାବନା ଥାଏ । ଚିର କିମ୍ବା ଆଙ୍ଗୁଳିଗୁଡ଼ିକୁ ଓଦା କରନ୍ତୁ ନାହିଁ । ପ୍ରତିଥର ଦୁହିଁ ସାରିବା ପରେ ଚିର ଗୁଡ଼ିକୁ ପୋଛି ଶୁଖାଇ ଦିଅନ୍ତୁ ।

ଚିର ଗୁଡ଼ିକୁ ତଳଆଡ଼କୁ ଟାଣି ଦୁହିଁବା ଉଚିତ୍ ନୁହେଁ । ଚିର ଗୁଡ଼ିକୁ କ୍ରମାନ୍ୱୟରେ ଚାପା ଦେଇ ଓ ପୁଣି ଢ଼ିଲା କରି ଦୁହିଁବା ଉଚିତ୍ । ଦୁହିଁବାର ଶେଷ ଆଡକୁ ଚିରକୁ ବୁଢ଼ା ଆଙ୍ଗୁଳି ଓ ପ୍ରଥଡ଼ ଦୁଇଟି ଆଙ୍ଗୁଳିରେ ଜୋରରେ ଧରି ଆସ୍ତେ ଆସ୍ତେ ଟାଣିଲେ ଦୁଗ୍ଧର ଶେଷ ଠୋପା ଚିରରୁ ବାହାରି ଆସିବ । ଏହାକୁ ଇଂରାଜୀରେ ଷ୍ଟ୍ରିପିଙ୍ଗ୍ କୁହାଯାଏ ।

## ଦୁଗ୍ଧ ଦୁହାଁ ପାତ୍ର ଓ ଦୁଗ୍ଧ ସଂରକ୍ଷଣ

ଗାଈ ଦୁହାଁଳି ଓ ଗୁହାଳ ବ୍ୟତୀତ ଗାଈ ଦୁହାଁ ପାତ୍ର ଏବଂ ଦୁଗ୍ଧ ସଂଗ୍ରହ ପାତ୍ର ଏବଂ ଦୁଗ୍ଧ ବ୍ୟବହାରର ପଛା ମଧ୍ୟ ଦୁଗ୍ଧର ସଂରକ୍ଷଣ ଗୁଣ ଓ ପୁଷ୍ଟିକାରିତା ଉପରେ ପ୍ରଭାବ ପକାଇଥାଏ । ତେଣୁ ଏସବୁର କିପରି ଯତ୍ନ ନେବାକୁ ହେବ, ସେ ସମ୍ବନ୍ଧରେ ଜାଣିବା ଦରକାର ।

## ଦୁଗ୍ଧ ଦୁହାଁ ପାତ୍ର ଓ ଅନ୍ୟାନ୍ୟ ପାତ୍ର

ଦୁଗ୍ଧ ଦୁହାଁ ପାତ୍ର – ଅଧିକାଂଶ ଅଳିଆ, ଯାହାକି ଦୁଗ୍ଧରେ ଦେଖାଯାଏ, ତାହା ଦୁଗ୍ଧ ଦୁହିଁବା ସମୟରେ ଦୁଗ୍ଧ ପାତ୍ରରେ ପଡ଼ିଥାଏ । ଯଦି ଅଣଓସାରିଆ ମୁହଁଥିବା ଦୁଗ୍ଧ ଦୁହାଁ ପାତ୍ର ବ୍ୟବହାର କରାଯାଏ ତେବେ ଅଳ୍ପ ସଂଖ୍ୟକ ଜୀବାଣୁ ଓ ଅଳିଆ ଦୁଗ୍ଧରେ ଦେଖାଯାଏ । ମାତ୍ର ଯଦି ଓସାରିଆ ମୁହଁ ପାତ୍ର ବ୍ୟବହାର କରାଯାଏ ତେବେ ଅଧିକ ସଂଖ୍ୟକ ଜୀବାଣୁ ଓ ଅଳିଆ ଦୁଗ୍ଧରେ ଦେଖାଯାଏ ।

ସାଧାରଣତଃ ଦୁଗ୍ଧ ଦୁହିଁବାବେଳେ ବାଲ୍‌ତି ବ୍ୟବହାର କରାଯାଏ ଏବଂ ଏହାର ମୁହଁ ଓସାରିଆ ଥିବାରୁ ସହଜରେ ଦୁଗ୍ଧ ସଂଗ୍ରହ କରାଯାଇପାରେ । କିନ୍ତୁ ଏପରି ଖୋଲା ପାତ୍ରରେ ଦୁହିଁବା ଉଚିତ୍ ନୁହେଁ, କାରଣ ପହ୍ନାରୁ, ଗୋଡ଼ ଖୋଇରୁ କିମ୍ବା ଲାଞ୍ଜରୁ ସାମାନ୍ୟତମ ମଇଳା ପାତ୍ରରେ ପଡ଼ିଲେ କିମ୍ବା ପବନରୁ କିଛି ଅଳିଆ ପାତ୍ରରେ ପଡ଼ିଲେ ଏହା ଦୁଗ୍ଧକୁ ଅପରିଷ୍କାର କରେ । ତେଣୁ ଛୋଟ ମୁହଁ ଥିବା ପାତ୍ର ବ୍ୟବହାର କରିବା ପାଇଁ ଅନୁମୋଦନ କରାଯାଇଛି । ଆବଶ୍ୟକତା ଅନୁସାରେ ଏହା ବିଭିନ୍ନ ଆକାରର ହୋଇପାରେ । ଏହାର ମୁହଁ ଅଣଓସାରିଆ ଓ ଏହା ଲମ୍ବାଳିଆ ହୋଇଥିବା ଦରକାର । ତେଣୁ ଅଳ୍ପ ମଇଳା ପଶିପାରିବ । ଏହାର ମୁହଁ ୪ ଇଞ୍ଚରୁ ୮ ଇଞ୍ଚ ଓସାର ହେବା ଉଚିତ୍ । ଏହାର ଫନ୍ଦ ମସୃଣ ହେବା ଦରକାର, ଯେପରି ଏହାକୁ ସହଜରେ ସଫା କରାଯାଇପାରିବ ।

## ଦୁଗ୍ଧ ପାତ୍ରକୁ ସଫା କରିବା ପ୍ରଣାଳୀ

ବ୍ୟବହାର ପରେ ପାତ୍ରଗୁଡ଼ିକୁ ଭଲ ଭାବରେ ସଫା କରନ୍ତୁ । ପାତ୍ରଗୁଡ଼ିକୁ ପ୍ରଥମେ ଭଲ ଭାବରେ ଥଣ୍ଡା ପାଣିରେ ଓ ତା'ପରେ କ୍ଷାର ଜାତୀୟ ୱାସିଂ ପାଉଡ଼ର ମିଶା ଗରମ ପାଣିରେ ଓ ତା'ପରେ ବ୍ରସ୍‌ରେ ଭଲଭାବରେ ସଫା କରନ୍ତୁ । ତତ୍‌ପରେ ଥଣ୍ଡା ପାଣିରେ ଭଲଭାବରେ ଧୋଇ ଦିଅନ୍ତୁ । ଜୀବାଣୁଗୁଡ଼ିକୁ ନଷ୍ଟ କରିବା ପାଇଁ ପ୍ରଥମେ ପାତ୍ରଗୁଡ଼ିକୁ କ୍ଲୋରିନ୍ ସଲ୍ୟୁସନ୍‌ରେ କିମ୍ବା ପାଣିରେ ପକାଇ ଓ ତାହାକୁ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାଇବାକୁ ପଡ଼ିଥାଏ । ଯଦି ଏହା ପ୍ରତିଦିନ କରିବା ସମ୍ଭବ ନହୁଏ, ତା'ହେଲେ ୨-୩ ଦିନ ବ୍ୟବଧାନରେ କରିବା ଦରକାର । ଧୋଇବା ପରେ ପାତ୍ରଗୁଡ଼ିକୁ ଭଲଭାବରେ ଶୁଖାଇବା ଉଚିତ୍ । ପାତ୍ରଗୁଡ଼ିକର ତଳପଟ ଉପରକୁ ରଖି ଅର୍ଥାତ୍ ପାତ୍ରଗୁଡ଼ିକୁ ଓଲଟାଇ ଖରାରେ ଅନ୍ତତଃ ୨-୩ ଘଣ୍ଟା ପର୍ଯ୍ୟନ୍ତ ଶୁଖାଇବା ନିହାତି ଦରକାର ।

ଯେଉଁ ରାସାୟନିକ ପଦାର୍ଥ ପାତ୍ର ଗୁଡ଼ିକୁ ଧୋଇବା ପାଇଁ ବ୍ୟବହାର କରାଯାଏ, ସେଗୁଡ଼ିକ ହେଲା - ସୋଡ଼ିୟମ୍ ହାଇପୋକ୍ଲୋରାଇଟ୍ ଏବଂ କ୍ୟାଲ୍‌ସିୟମ୍ ହାଇପୋକ୍ଲୋରାଇଟ୍ । ଉତ୍କଟ ଗନ୍ଧ ଥିବା ରାସାୟନିକ ପଦାର୍ଥ ବ୍ୟବହାର କରନ୍ତୁ ନାହିଁ । ଗାଁ ଗହଳିରେ ମିଳୁଥିବା ଅଙ୍ଗାର ବା ପାଉଁଶକୁ ଦୁଗ୍ଧ ପାତ୍ରଗୁଡ଼ିକୁ ସଫା କରିବାରେ ବ୍ୟବହାର କରାଯାଏ । କିନ୍ତୁ ଏହାକୁ ବ୍ୟବହାର କଲେ, ପାତ୍ରଗୁଡ଼ିକୁ ଭଲଭାବରେ ଧୋଇବା ଦରକାର ।

*ଗୋ-ମାତେ ବଢ଼ିଲେ କରୁଣା, ନହେବ ଧନ ଧାନ୍ୟ ଉଣା ।*

# ଗୁହାଳ ଓ ସ୍ୱାସ୍ଥ୍ୟରକ୍ଷା

ଗୋରୁମାନଙ୍କର ଉପଯୁକ୍ତ ଯତ୍ନ ନେବାକୁ ହେଲେ ଭଲ ଗୁହାଳଟିଏ ନିହାତି ଆବଶ୍ୟକ । ଏହା ସେମାନଙ୍କୁ ବନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରୁ, ଚୋର ଭୟରୁ, ଖରାପ ପାଗରୁ ଓ ବିଭିନ୍ନ ରୋଗ କବଳରୁ ରକ୍ଷା କରିଥାଏ । ଶୁଖିଲା, ପବନ ଯାତାୟାତ କରୁଥିବା, ସଫାସୁତୁରା ଓ ଶୋଇବାକୁ ଏବଂ ଛିଡ଼ାହେବାକୁ ଅଧିକ ଜାଗା ଥିବା ଗୁହାଳରେ ଗୋରୁ ରହିଲେ ସେମାନେ ଆନନ୍ଦରେ ଓ ସ୍ୱାସ୍ଥ୍ୟକର ପରିବେଶରେ ରହିପାରନ୍ତି ।

୧. ଗୋଟିଏ ଗାଈ ଛିଡ଼ା ହେବା, ଶୋଇବା ଓ ଖାଇବା ପାଇଁ ଯଥେଷ୍ଟ ସ୍ଥାନ ଥିବା ଦରକାର । ଗୋଟିଏ ଗାଈ ପାଇଁ ୪୦ ବର୍ଗଫୁଟ ପରିମିତ ସ୍ଥାନ ଦରକାର ହୋଇଥାଏ । ତେଣୁ ନିଜ ଗାଈ ମାନଙ୍କର ସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରଶସ୍ତ ଗୁହାଳ କରିବା ଦରକାର ।

୨. ଉଚ୍ଚ ଓ ନିଗିଡ଼ା ସ୍ଥାନ ଗୁହାଳ ନିମନ୍ତେ ନିରୂପଣ କରିବା ଦରକାର । ଫଳତଃ ଗୁହାଳ ଚତୁଃପାର୍ଶ୍ୱ ଶୁଖିଲା ରହିବ ଓ ଗୁହାଳ ସନ୍ତସନ୍ତିଆ ହେବ ନାହିଁ ।

୩. ଗୁହାଳ ଚାରିପଟେ ସଫା ସୂତରା ରଖିଲେ ପରିବେଶ ଭଲ ରହିବା ସଙ୍ଗେ ସଙ୍ଗେ ଗାଈ ଗୋରୁମାନଙ୍କୁ ମଶା ଡାଆଁଶ ମାନଙ୍କ ଦାଉରୁ ରକ୍ଷା କରାଯାଇପାରିବ ।

୪. ଗୁହାଳ ଭିତରକୁ ବାହାରର ପବନ ଯିବାଆସିବା ନିମନ୍ତେ ବ୍ୟବସ୍ଥା କରିବା ଦରକାର । ଗୁହାଳ ଭିତରେ ସୂର୍ଯ୍ୟକିରଣ ପଡ଼ିଲେ ଗୁହାଳର ପରିବେଶ ଭଲ ରହେ ।

୫. ଗୁହାଳର ଚଟାଣକୁ ସିମେଣ୍ଟ କଙ୍କ୍ରିଟ୍‌ରେ କରିବା ଭଲ । ଟିକିଏ ଢାଲୁ କରି ଚଟାଣ କରାଗଲେ ନାଳ ମଧ୍ୟଦେଇ ମୂତ୍ର ବାହାରି ଯାଏ ଓ ଗୁହାଳ ଶୁଖିଲା ରହେ । କଙ୍କ୍ରିଟ୍ ଚଟାଣ ବେଶିଦିନ ରହେ ।

୬. ଗାଈର ମୁଣ୍ଡଆଡ଼କୁ ଗୋଟିଏ ସିମେଣ୍ଟ କୁଣ୍ଡ ରଖି ସେଥିରେ ଗାଈକୁ ଖାଦ୍ୟ ଓ ପାଣି ସହଜରେ ଖାଇବାକୁ ଦିଆଯାଏ ।

୭. ବର୍ଷା ଋତୁରେ ବର୍ଷା ଓ ଶୀତ ଦିନର କାନୁଆ ପବନ ଗୁହାଳ ଭିତରକୁ ନ ପଶିବାର ବ୍ୟବସ୍ଥା ଦରକାର ।

୮. ଗୁହାଳ ଚାରିପଟେ ଗଛ ଲଗାଇଲେ, ଖରାଦିନେ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା କରାଯାଇପାରିବ ।

୯. ଗୁହାଳରୁ କିଛି ଦୂରରେ ଗୋବର ଖାତ ହେବା ଉଚିତ୍ । ଏହି ଖାତ ମଧ୍ୟକୁ ମୂତ୍ର ଓ ଗୁହାଳ ଧୋଇବା ପାଣି ଯିବା ନିମନ୍ତେ ନାଳ କରିବା ଦରକାର ।

୧୦. ଗୁହାଳ ଘରର ଛାତ ଆଜବେଷ୍ଟସ୍ କିମ୍ବା ନଡ଼ାଛପର କରାଯାଇପାରେ । ନଡ଼ା ଛପର ଗୁହାଳରେ ନିଆଁ ପ୍ରତି ସତର୍କ ରୁହନ୍ତୁ ।



## ନୂଆ ଗୁହାଳ ଘର ତିଆରି

୧. ଯଦି ଚାଷୀ ଗୋଟିଏ ନୂଆ ଗୁହାଳ ଘର ତିଆରି କରୁଥାଏ, ତେବେ ଗାଈଙ୍କ ସଂଖ୍ୟା ଅନୁପାତରେ ତିଆରି କରିବା ଦରକାର ।

୨. ଗୁହାଳଟି ଉଚ୍ଚ, ନିଗିଡ଼ା ଓ ଶୁଷ୍କ ସ୍ଥାନରେ କରାଯିବା ଉଚିତ୍ ।

୩. ଗୁହାଳ ଚାରିପାଖରେ ଗଛ ଥିବା ଦରକାର । ଗଛ ନଥିଲେ ଗଛ ଲଗାଇବା ଉଚିତ୍ । ଏହାଦ୍ୱାରା ଗୁହାଳଟିରେ ଛାଇ ହୁଏ ଓ ଗୋରୁମାନେ ସୁବିଧାରେ ରହିପାରନ୍ତି ଓ ଖରାଦିନେ ଥଣ୍ଡା ରହେ ।

୪. ଚାଷୀ, ଘରର ଗୋଟିଏ କଡ଼ରେ ଚାଳ ବାହାର କରି ଗୁହାଳ କରିପାରିବେ ।

## ଗୁହାଳକୁ ସ୍ୱାସ୍ଥ୍ୟକର ରଖିବା ପ୍ରଣାଳୀ

୧. ମୂତ୍ର ଓ ଗୁହାଳ ଧୂଆ ପାଣି, ଗୁହାଳ ବାହାରେ ଥିବା ଖାଲାରେ ସଂଗୃହୀତ ହେବା ଉଚିତ୍ ।

୨. ଗୋବର ଓ ଅନ୍ୟାନ୍ୟ ଅଳିଆ, ଦିନରେ ଅନ୍ତତଃ ଦୁଇଥର ପୋଛି ପରିଷ୍କାର କରିଦେବା ଦରକାର ।

୩. ସପ୍ତାହରେ ଅନ୍ତତଃ ଥରେ କୀଟନାଶକ ଔଷଧ (ଯଦି ଗୋରୁଙ୍କ ଦେହରେ ଟିକ୍ଟି ବା ଉକୁଣୀ ଥାଆନ୍ତି, ତେବେ ୧ ଭାଗରେ ୫୦୦ ଭାଗ ପାଣି ମିଶାଇ) ଲଗାଇବାର ୧ ଘଣ୍ଟା ପରେ ଗୋରୁକୁ ଭଲ ଭାବରେ ଗାଧୋଇଦେବା ଦରକାର ।

୪. ଯଦି ଗୋରୁମାନେ ବାହାରକୁ ଛଡ଼ା ନଯାଇ ଗୁହାଳରେ ସବୁବେଳେ ବନ୍ଧା ହେଉଥିବେ, ତେବେ ସେମାନଙ୍କୁ ଦିନରେ ଅନ୍ତତଃ ୨/୩ ଘଣ୍ଟା ପାଇଁ ବାହାରକୁ ଛାଡ଼ିବା ଦରକାର । ତାହାହେଲେ ଗୁହାଳକୁ ଭଲଭାବରେ ପରିଷ୍କାର କରାଯାଇ ପାରିବ ।

ଗାଈମାନେ ଅଧିକାଂଶ ସମୟ ଗୁହାଳରେ କଟାଇଥାନ୍ତି ଏବଂ ସେହି ଗୁହାଳରେ ହିଁ ଖାଇବାକୁ, ପାଣି ପିଇବାକୁ ଦିଆଯିବା ସଙ୍ଗେ ସଙ୍ଗେ ଦୁପ୍ପ ଦୁହାଁ ଯାଇଥାଏ । ତେଣୁ ଗୁହାଳଟି ଯେତେ ପରିଷ୍କାର ପରିଚ୍ଛନ୍ନ ରହିବ, ଏମାନଙ୍କଠାରୁ ସେତିକି ଅଧିକ ଉତ୍ପାଦନ ମିଳିବ ଓ ପରିଷ୍କାର ଦୁପ୍ପ ଉତ୍ପାଦିତ ହୋଇପାରିବ । ତେଣୁ ଗୁହାଳକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ବିଧେୟ ।

***ଯା'ପ୍ରତି ଗୋ-ମାତା ସନ୍ତୋଷ, କି ତାର ରହେ ଅବଶୋଷ ।***

# ପଶୁବୀମା

ପ୍ରତ୍ୟେକ ଗୋ-ପାଳକ ତାର ନିଜର ମୂଲ୍ୟବାନ ପଶୁମାନଙ୍କର ଜୀବନବୀମା କରିବା ବାଞ୍ଛନୀୟ । ଏହି ବୀମାକରଣ ଗୋ-ପାଳକକୁ ଆର୍ଥିକ ସୁରକ୍ଷା ଦେଇଥାଏ । ବୀମାଭୁକ୍ତ ପଶୁଟିର ମୃତ୍ୟୁ ହେଲେ ତାହାର ବୀମାଭୁକ୍ତ ମୂଲ୍ୟ ଗୋ-ପାଳକକୁ ବୀମା କମ୍ପାନୀଠାରୁ ମିଳିଥାଏ ।

## ପଶୁ ବୀମା ବିଷୟରେ କେତେକ ଜାଣିବା କଥା

୧. ଯେଉଁ ପଶୁଟିର ବୀମା କରାଯିବ, ସେ ପଶୁଟି ନୀରୋଗ ହୋଇଥିବ ଏବଂ ତତ୍‌ଜନିତ ଏକ ପ୍ରମାଣପତ୍ର ପଶୁ ଚିକିତ୍ସକଙ୍କ ଠାରୁ ଆଣିବା ଦରକାର । ରୋଗାକ୍ରାନ୍ତ ପଶୁର ବୀମା କରାଯାଇପାରିବ ନାହିଁ ।

୨. ଅତ୍ୟଧିକ ବୟସ୍କ ପଶୁଙ୍କର ବୀମା କରାଯାଇପାରିବ ନାହିଁ ।

୩. ବୀମା କରିବାକୁ ହେଲେ ବୀମା କମ୍ପାନୀକୁ ପ୍ରିମିୟମ୍ ଦେବାକୁ ପଡ଼ିଥାଏ । ଏହି ପ୍ରିମିୟମ୍‌ର ହାରରେ ବିଭିନ୍ନତା ଅଛି । ଏସ୍.ଜି.ଏସ୍.ୱାଇ. (S.G.S.Y.) ଋଣରେ କିଣାଯାଉଥିବା ଗାଈ ନିମନ୍ତେ ବାର୍ଷିକ ଶତକଡ଼ା ଟ. ୨.୨୫ ପଇସା ଓ ଏକକାଳୀନ ୩ ବର୍ଷ ନିମନ୍ତେ ବୀମା କରାଗଲେ ଶତକଡ଼ା ଟ. ୫.୭୫ ପଇସା ପ୍ରିମିୟମ୍ ଦେବାକୁ ପଡ଼ିଥାଏ । ନିଜ ଘରର ଗାଈକୁ ସମିତି ଓ ସଂଘ ମାଧ୍ୟମରେ ବୀମା କରାଇଲେ ବାର୍ଷିକ ଶତକଡ଼ା ଟ. ୪.୦୦ ହାରରେ ପ୍ରିମିୟମ୍ ଦେବାକୁ ପଡ଼ିଥାଏ । ଏତଦ୍‌ବ୍ୟତୀତ ପି.ଟି.ଡ଼ି. (Permanent Total Disabled) ବ୍ୟବସ୍ଥା ନିମନ୍ତେ ବୀମା କମ୍ପାନୀକୁ ଶତକଡ଼ା ଟ. ୧୦.୦୦ ପ୍ରିମିୟମ୍ ଅଧିକ ଦେଲେ କୌଣସି କାରଣରୁ ଯଦି ଗାଈଟି ଗର୍ଭଧାରଣ ବା ଦୁଗ୍ଧ ପ୍ରଦାନ ସକାଶେ ସବୁଦିନ ପାଇଁ ଅକ୍ଷମ ହୋଇଯାଏ, ତେବେ ବୀମା କମ୍ପାନୀ ଗାଈଟିର ବୀମାକୃତ ମୂଲ୍ୟ ମଧ୍ୟ ଦେଇଥାନ୍ତି ।

୪. ବୀମା କରିବା ସମୟରେ ପଶୁର କାନରେ ଟ୍ୟାଗ୍ (କାନଫୁଲ) ନିଶ୍ଚିତ ଭାବରେ ଲଗାନ୍ତୁ ଓ ଟ୍ୟାଗ୍‌ର ନମ୍ବର ନିଜ ଖାତାରେ ଲେଖିରଖନ୍ତୁ । ଯଦି କୌଣସି କାରଣରୁ ଟ୍ୟାଗ୍‌ଟି ଖସିପଡ଼େ, ସଙ୍ଗେ ସଙ୍ଗେ ବୀମା କମ୍ପାନୀକୁ ଜଣାଇ ଟ୍ୟାଗ୍ ଲଗାଇ ନିଅନ୍ତୁ । ଏଥିରେ ଅବହେଳା କରନ୍ତୁ ନାହିଁ ।

୫. ଦୁର୍ଘଟଣା, ଅଗ୍ନିକାଣ୍ଡ, ବଜ୍ରପାତ ଓ ରୋଗ କାରଣରୁ ମୃତ୍ୟୁ ହେଲେ ବୀମା କମ୍ପାନୀ ମୂଲ୍ୟ ଦେଇଥାନ୍ତି । ପଶୁଟି ରୋଗରେ ଆକ୍ରାନ୍ତ ହେବା ମାତ୍ରେ ତାର ଚିକିତ୍ସା କରାନ୍ତୁ ଏବଂ ଏ ବିଷୟରେ ବୀମା କମ୍ପାନୀକୁ ତୁରନ୍ତ ଅବଗତ କରାନ୍ତୁ ।

୬. ଯଦି ପଶୁଟିର ମୃତ୍ୟୁ ହୋଇଥାଏ ତେବେ ସ୍ଥାନୀୟ ପଶୁ ଚିକିତ୍ସକଙ୍କୁ ଡ଼ାକି ତାର ପୋଷ୍ଟମର୍ଟମ କରାଇ ନିଅନ୍ତୁ ଓ ସଙ୍ଗେ ସଙ୍ଗେ ବୀମା କମ୍ପାନୀ ଓ ବ୍ୟାଙ୍କକୁ ଲିଖିତ ଭାବରେ ଜଣାଇବା ପରେ ପଶୁର ସଂସ୍କାର କରନ୍ତୁ ।

୭. ପଶୁର ସଂସ୍କାର ପୂର୍ବରୁ ତାର କାନରେ ଥିବା ଟ୍ୟାଗ୍‌ଟିକୁ କାନର କିଛି ଅଂଶ ସହ କାଟିକରି ରଖନ୍ତୁ । ଟ୍ୟାଗ୍ ନଥିଲେ କମ୍ପାନୀଠାରୁ ବୀମା ମୂଲ୍ୟ ମିଳେ ନାହିଁ ।

୮. ପଶୁର ମୃତ୍ୟୁ ବିଷୟ ବୀମା କମ୍ପାନୀକୁ ଜଣାଇବା ପରେ ତାଙ୍କ ଠାରୁ ଏକ ଫର୍ମ ମିଳିଥାଏ । ସେହି ଫର୍ମକୁ ପୋଷ୍ଟମର୍ଟମ କରିଥିବା ଡାକ୍ତରଙ୍କ ପାଖରୁ ପୂରଣ କରି ସେଥିରେ ଟ୍ୟାଗ୍‌କୁ ସଂଯୋଗ କରି ବୀମା କମ୍ପାନୀରେ ଦାଖଲ କରନ୍ତୁ । ଫର୍ମ ଦାଖଲ ହେଲାପରେ ବୀମା କମ୍ପାନୀ ବୀମାକୃତ ମୂଲ୍ୟ ପଠାଇ ଥାଆନ୍ତି ।

ଏହି ସମସ୍ତ ବିଷୟ ପ୍ରତି ଯତ୍ନବାନ ହେଲେ ବୀମା ମୂଲ୍ୟ ପାଇବାରେ କିଛି ଅସୁବିଧା ହୁଏ ନାହିଁ । ପୁନର୍ବାର ସୂଚାଇ ଦେଉଅନ୍ତୁକି ଯେ ଟ୍ୟାଗ୍ ପ୍ରତି ସତର୍କ ରୁହନ୍ତୁ ।

## ଗୋ-ସେବା ମହା ପୂଣ୍ୟ ବ୍ରତ, ଲୋକ ସେବାର ଅନ୍ତର୍ଗତ



# ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଘାସଚାଷର ଆବଶ୍ୟକତା

କଥାରେ ଅଛି 'ଗାଈ ମୁହଁରେ କ୍ଷୀର' । ଗାଈମାନଙ୍କର ମୁଖ୍ୟ ଖାଦ୍ୟ ହେଲା ଘାସ ବା ତନ୍ତୁ ଜାତୀୟ ଖାଦ୍ୟ । ଭଲ ଘାସ ଖାଇଲେ ଗୋରୁଗାଈମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ । ଦୁହାଁଳିଆ ଗାଈ ଘାସ ଖାଇଲେ ବେଶୀ ଦୁଗ୍ଧ ଦିଅନ୍ତି । ତଥାପି ଆମ ରାଜ୍ୟର ଲୋକେ ଘାସଚାଷ କରନ୍ତି ନାହିଁ । ଗାଁ ଗହଳିରେ ଚାଷୀଭାଇମାନେ ବାହାରେ ଗୋରୁମାନଙ୍କୁ ଛାଡ଼ି ଦିଅନ୍ତି । ସେଠାରେ ସେମାନେ ଚରନ୍ତି କିମ୍ବା ଚାଷୀମାନେ ବେଳେ ବେଳେ ଅଳ୍ପ ଘାସ କାଟି ଗାଈକୁ ଖାଇବାକୁ ଦେଇଥାନ୍ତି । ବହୁ ଜାଗାରେ ଗୋଚର ଜମି ଲୋକମାନଙ୍କ ଦ୍ୱାରା ଚାଷ ଜମିରେ ପରିଣତ ହୋଇଥିବାରୁ ଗାଁ ଗହଳରେ ଏବେ ଗାଈ ପାଇଁ ଚରିବାକୁ ମଧ୍ୟ ଜାଗା ନାହିଁ । ମାତ୍ର ଉତ୍ତର ଭାରତର ରାଜ୍ୟମାନଙ୍କରେ ଘାସଚାଷର ପରମ୍ପରା ଏପରି ଅଛି ଯେ, ଲୋକମାନେ ଘାସ ଚାଷକରି ହାଟ ବଜାରରେ ପଶୁମାନଙ୍କ ପାଇଁ ଘାସ ବିକ୍ରି କରୁଛନ୍ତି । ପଶୁସମ୍ବଳ ବିକାଶ କରିବାକୁ ହେଲେ ଘାସ ଚାଷ ଛଡ଼ା ଅନ୍ୟଗତି ନାହିଁ । ଏହାଦ୍ୱାରା ଦାନା ଖର୍ଚ୍ଚକୁ ଆମେ କମ୍ କରିପାରିବା ଓ ଅଧିକ ଲାଭ ପାଇପାରିବା ।



ଆଜିକାଲି ଚାଷୀମାନେ ନିଜର ଅର୍ଥନୈତିକ ଉନ୍ନତି ନିମନ୍ତେ ଉନ୍ନତ ଧରଣର ଗାଈ ପାଳିଲେଣି, ଖାଲି ଭଲ ଗାଈ ପାଳିଲେ ଯେ ଅଧିକ ଦୁଗ୍ଧ ମିଳିବ ତାହା ନୁହେଁ, ସେମାନଙ୍କ ଖାଦ୍ୟ ପ୍ରତି ଅଧିକ ଯତ୍ନବାନ ହେବାକୁ ପଡ଼ିବ । ଗାଈ ଗୋଟିଏ ରୋମନ୍ଥକ ତୃଣଭୋଜୀ ପ୍ରାଣୀ । ସେମାନଙ୍କର ମୁଖ୍ୟ ଖାଦ୍ୟ ହେଲା ଘାସ । ସବୁଜ ଘାସରେ ନାନା ପ୍ରକାରର ଖାଦ୍ୟସାର ରହିଛି । ଏଥିରୁ ବେଶୀ ପରିମାଣରେ ଭିଟାମିନ୍ ଓ ଧାତବ ଲବଣ ମିଳିଥାଏ । ଯେଉଁ ଗାଈ ବର୍ଷସାରା ପ୍ରଚୁର ଘାସ ପାଆନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହେ ଓ ସେମାନେ ଅଧିକ କ୍ଷୀର ଦିଅନ୍ତି ।

ଘାସକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଏ । ଅଣପୁଷ୍ଟିସାର ଜାତୀୟ ଓ ପୁଷ୍ଟିସାର ଜାତୀୟ । ଜୁଆର, ବାଜରା, ମକା, ଯଅ ଆଦି ଅଣପୁଷ୍ଟିସାର ଘାସମାନ ଋତୁ ଅନୁସାରେ ଚାଷ କରାଯାଏ । ପାରା, ଗିନି, ହାତିଆ ଘାସ ଇତ୍ୟାଦିକୁ ଅଣପୁଷ୍ଟିସାର ସବୁଦିନିଆ ଘାସ ହିସାବରେ ଚାଷ କରାଯାଏ । ଏଗୁଡ଼ିକ ପ୍ରଚୁର ଅମଳ ଦେଇଥାଆନ୍ତି ।

ପୁଷ୍ଟିସାର ଜାତୀୟ ଘାସ ସାଧାରଣତଃ ଋତୁ ଅନୁଯାୟୀ ଚାଷ କରାଯାଏ । ଏମାନଙ୍କ ମଧ୍ୟରେ ବରଗୁଡ଼ି, ଗୁଆଁର, ବର୍ସିମ ଓ ଲୁସର୍ଣ୍ଣ ମୁଖ୍ୟ । ଏହାଛଡ଼ା ଗୋଖାଦ୍ୟ ଉପଯୋଗୀ ଗଛର ପତ୍ରକୁ ମଧ୍ୟ ପୁଷ୍ଟିସାର ଜାତୀୟ ଖାଦ୍ୟ ହିସାବରେ ବ୍ୟବହାର କରାଯାଇଥାଏ ।

## ସ୍ୱଳ୍প ବ୍ୟୟରେ ଘାସଚାଷ

ଆମେ ଯେହେତୁ ସଙ୍କର ଜାତୀୟ ଗାଈ ପାଳନ କରୁଛେ ସେମାନଙ୍କ ପାଇଁ ଉପଯୁକ୍ତ ପରିମାଣର ସୁଷମଦାନା ଓ ସବୁଜ ଘାସ ନଦେଲେ, ସେମାନଙ୍କଠାରୁ ଯଥେଷ୍ଟ ଉତ୍ପାଦନ ମିଳିପାରିବ ନାହିଁ ।

ଓମ୍‌ଫେଡ୍‌ର ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ର, ଜଗନ୍ନାଥପୁରର ଦୁଗ୍ଧ ଉତ୍ପାଦନ ଫାର୍ମଠାରେ ହୋଇଥିବା ଗବେଷଣାରୁ ଜଣାଯାଇଛି ଯେ ଏକ ହେକ୍ଟର ଜଳସେଚିତ ଜମିରେ ବର୍ଷସାରା ସବୁଜ ଘାସ ଚାଷ କଲେ ତାହାଦ୍ୱାରା ଦୈନିକ ୬ ଲିଟର ଦୁଗ୍ଧ ଦେଉଥିବା ୭ ଗୋଟି ସଙ୍କର ଜର୍ସୀ ଗାଈକୁ ପାଳନ କରାଯାଇ ପାରିବ । ଏକ ହେକ୍ଟର ଜମିରୁ ୫୦ ଡ଼େସିମିଲ ଜମିରେ ସଙ୍କର ହାତିଆ ଘାସଚାଷ କରିବାକୁ ପଡ଼ିବ । ଏହି ଘାସ ସେହି ଜମିରେ ବର୍ଷସାରା କରାଯିବା ଫଳରେ ଗାଈକୁ ସବୁ ସମୟରେ ସବୁଜ ଘାସ ଯୋଗାଇ ଦିଆଯାଇ ପାରିବ ଓ ବଳକା ଘାସକୁ ଖଣି ସାଇତା ଯାଇପାରିବ । ବଳକା ୨ ଏକର ଜମିକୁ ସମାନ ଭାବରେ ୫ଟି ପ୍ଲଟ୍‌ରେ ବିଭକ୍ତ କରି (୪୦ ଡେସିମିଲ୍) ଖରା, ବର୍ଷା ଓ

ଶୀତଋତୁରେ ଘାସ ଚାଷ କରିହେବ । ଖରା ଓ ବର୍ଷା ଋତୁରେ ଜୁଆର, ମକା, ବାଜରା, ବରଗୁଡ଼ି, ଗୁଆଁର ଇତ୍ୟାଦି ଓ ଶୀତ ଦିନରେ ବରସିମ, ଲୁସର୍ଣ୍ଣ ଓ ଓଟ୍ ଇତ୍ୟାଦି ଚାଷ କରାଯାଇ ପାରିବ । ୧୦ ରୁ ୧୫ ଦିନ ବ୍ୟବଧାନରେ ମକା ଓ ବରଗୁଡ଼ି ଚାଷ କରିବା ଦରକାର । ମାତ୍ର ରବି ଋତୁରେ ଉଲ୍ଲେଖିତ ଦୁଇ ଏକର ଜମିରୁ ଅଧା ଅଂଶରେ ଅର୍ଥାତ୍ ଏକ ଏକରରେ ବରସିମ ଓ ବାକି ଅଧା ଜମିରେ ଓଟ୍ ଚାଷ କରିବା ଦରକାର । ଓଟ୍ ଅମଳ ହେବା ପରେ ଶୀତଋତୁର ଶେଷ ଆଡ଼କୁ ଜମିରେ ବରଗୁଡ଼ି ଚାଷ କରାଯାଇ ପାରିବ । ଉପର ବର୍ଣ୍ଣିତ ଘାସଚାଷ ପ୍ରଣାଳୀ ଅନୁସାରେ ଗାଈକୁ ବିଭିନ୍ନ ପ୍ରକାର ମିଶ୍ରିତ ଘାସ ମିଳିପାରିବ । ସେଗୁଡ଼ିକ ହେଲା– ମକା+ବରଗୁଡ଼ି, ବରସିମ+ଓଟ୍, ସଙ୍କର ହାତିଆ ଘାସ+ବରଗୁଡ଼ି ଓ ସଙ୍କର ହାତିଆ ଘାସ+ବରସିମ । ଦୈନିକ ହାରାହାରି ୬ ଲିଟର ଦୁଗ୍ଧ ଦେଉଥିବା ୭ଟି ଗାଈ ପାଇଁ ୧ ହେକ୍ଟର ଜମିରେ ଉତ୍ପନ୍ନ ହେଉଥିବା ମିଶ୍ରିତ ଘାସ ହିଁ ଯଥେଷ୍ଟ । ଅବଶ୍ୟ ଏହା ସହିତ ଆବଶ୍ୟକ ପରିମାଣର ଧାତବ ମିଶ୍ରଣ ଓ ଲୁଣ ଦେବାକୁ ପଡ଼ିବ । ଏହା ବ୍ୟତୀତ ଦୈନିକ ୬ ଲିଟରରୁ ଅଧିକ ଦୁଗ୍ଧ ଦେଉଥିଲେ ପ୍ରତି ୨ ଲିଟର ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ୧ କିଲୋ ଲେଖାଏଁ ସୁଷମଦାନା ଦେବାକୁ ପଡ଼ିବ । ତେଣୁ ଘାସଚାଷର ଚାହିଦା ପଶୁସମ୍ପଦ ବିକାଶ ପାଇଁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

# ସବୁଜ ଘାସର ଉପାଦେୟତା ଓ ଏହାର ଚାଷ ପ୍ରଣାଳୀ

ଉନ୍ନତ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଘାସ ଚାଷ ଏକାନ୍ତ ପ୍ରୟୋଜନ । ପର୍ଯ୍ୟାପ୍ତ ପରିମାଣରେ ସବୁଜ ଘାସ ସହିତ ଅଳ୍ପ ପରିମାଣରେ ସୁଷମ ଦାନା ଖାଇବାକୁ ଦେଲେ, ଦୁଗ୍ଧ ଉତ୍ପାଦନ ଖର୍ଚ୍ଚକୁ ହ୍ରାସ କରାଯାଇ ପାରିବ । ଫଳତଃ ଗୋପାଳନ ଅଧିକ ଲାଭଜନକ ହୋଇ ପାରିବ । ସାଧାରଣ ଭାବେ ଆମେ ଘାସକୁ ଦୁଇ ଭାଗରେ ବିଭକ୍ତ କରିପାରିବା । ଯଥା– ୧. ତୃଣ ଜାତୀୟ, ୨. ଛୁଇଁ ଜାତୀୟ ।

**ତୃଣ ଜାତୀୟ** : ମକା, ଜୁଆର ବାଜରା, ଦିନାନାଥ୍, ଓଟ୍, ପାରା, ତେରି, ନେପିଅର ଇତ୍ୟାଦି ।

**ଛୁଇଁ ଜାତୀୟ** : ବରଗୁଡ଼ି, ବରସିମ୍, ଲୁସର୍ଣ୍ଣ, ରାଇସ୍ ବିନ୍, ଷ୍ଟାଇଲୋ ଇତ୍ୟାଦି । ଏହାର ଚାଷ ପ୍ରଣାଳୀ ପୂର୍ବବର୍ତ୍ତୀ ପୃଷ୍ଠାରେ ବିଶଦ୍ ଭାବରେ ଦର୍ଶାଯାଇଛି ।

ଚାଷୀଭାଇମାନେ ବର୍ଷସାରା ସବୁଜ ଘାସ ପାଇବାକୁ ହେଲେ, ସଙ୍କର ଜାତୀୟ ନେପିୟର ଘାସ ଯଥା– ଏନ୍.ବି.–୨୧ ଓ କୋଏମ୍ବାଟୁର–୧ ଶ୍ରେଣୀର ଘାସ ଚାଷ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଦୁଇଟି ଉନ୍ନତମାନର ଗାଈ ପାଇଁ ସର୍ବନିମ୍ନ ୬୦୦ଟି ଏହି ଜାତୀୟ ଘାସ ବୁଦା ଦରକାର ପଡ଼ିଥାଏ । ପ୍ରତ୍ୟେକ ବୁଦାରୁ ମାସକୁ ୩ କି.ଗ୍ରା. ରୁ ୫ କି.ଗ୍ରା. ମଧ୍ୟରେ ଘାସ ମିଳିଥାଏ ।

**ଚାଷ ପ୍ରଣାଳୀ :** ୬୦୦ ବୁଦା ନେପିୟର ଘାସ ପାଇଁ ସର୍ବନିମ୍ନ ୩୬୦୦ ବର୍ଗଫୁଟର ଜମି ଆବଶ୍ୟକ । ପ୍ରଥମ ଜମିକୁ ୪–୫ ଥର ଗୁଣ୍ଡ ଚାଷ କରି ୧ ଗାଡ଼ି ଗୋବର ଖତ ଦେଇ ସମତୁଲ କରନ୍ତୁ । ଧାଡ଼ିକୁ ଧାଡ଼ି ୩ ଫୁଟ ଓ ଗଛକୁ ଗଛ ୨ ଫୁଟ ବ୍ୟବଧାନରେ ଗୋଟିଏ ବା ଦୁଇଟି ମୂଳ ଲଗାଯାଏ । ସାଧାରଣତଃ ଜୁଲାଇ ମାସରେ ଲଗାଇବା ଦରକାର । ପତ୍ର କଅଁଳିବା ମାତ୍ରେ ୟୁରିଆ – ୧୦ କି.ଗ୍ରା. ଏବଂ ସୁପର ୫ କି.ଗ୍ରା. ସାର ପ୍ରୟୋଗ କରନ୍ତୁ । ମଝିରେ ମଝିରେ ଆବଶ୍ୟକ ଅନୁଯାୟୀ କୋଡ଼ା ଖୋସା କରନ୍ତୁ । ଲଗାଇବାର ୨ ମାସ ପରେ ପ୍ରଥମ ଅମଳ ମିଳିଥାଏ । ପ୍ରତି ୩୦ ଦିନ ଅନ୍ତରରେ ଗୋଟିଏ ଧାଡ଼ି (ଅର୍ଥାତ୍ ୨୦ଟି ଘାସ ବୁଦା) କାଟନ୍ତୁ । ଏହାଦ୍ୱାରା ଚାଷୀ ପ୍ରତିଦିନ ୬୦ କି.ଗ୍ରା. ରୁ ୭୦ କି.ଗ୍ରା. ସବୁଜ ଘାସ ପାଇଥାଏ । ଯାହାକି ୨ଟି ଗାଈ ପାଇଁ ଯଥେଷ୍ଟ । ଧାଡ଼ି କାଟିବାର ୫–୧୦ ଦିନ ପରେ ୟୁରିଆ ଓ ପଟାସ ସାର ମିଶ୍ରଣର ୧ କି.ଗ୍ରା. ସାର ପ୍ରୟୋଗ କରାଯିବା ଆବଶ୍ୟକ । ବର୍ଷାଋତୁ ପରେ ନଭେମ୍ବର ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ୧୦ ଦିନରେ ଥରେ ପାଣି ମଡ଼ାଇବା ଆବଶ୍ୟକ । ଏହି ଘାସ ଥରେ ଲଗାଇଲେ, ୩ ବର୍ଷ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମ କଟା ହୋଇ ଭଲ ଉତ୍ପାଦନ ମିଳିଥାଏ । ୩ ବର୍ଷ ପରେ ମୂଳକୁ ଉପାଡ଼ି ପୁନର୍ବାର ଲଗାଯାଇ ପାରେ । ଏହା ଛଡ଼ା ବର୍ଷ ସାରା ଅନ୍ୟ ଜାତୀୟ ଘାସ ପାଇବାକୁ ହେଲେ କିଛି ଗୋଖାଦ୍ୟ ଉପଯୋଗୀ ଗଛ ମଧ୍ୟ ଲଗାଇବା ଦରକାର । ସୁବାବୁଲ, ଅଗସ୍ତି, ଦଶରଥ, ଜୟନ୍ତୀ ଇତ୍ୟାଦି ପତ୍ରକୁ ନଡ଼ାସହ ମିଶାଇ ଖାଇବାକୁ ଦେଲେ ତାହା ଏକ ପୁଷ୍ଟିକର ଗୋଖାଦ୍ୟରେ ପରିଣତ ହୋଇଥାଏ ।

**ଯେ ଗ୍ରାମେ ମିଳି ସର୍ବ ନର, ରଖନ୍ତି ବହୁତ ଗୋଚର**
**ସେ ଗ୍ରାମ ଜାଣ ପୂଣ୍ୟ ସ୍ଥଳୀ, ତହିଁ ନଥାଏ କେବେ କଳି ।**

# ଘାସ ଚାଷ ପ୍ରଣାଳୀ

| କ୍ର. ନଂ. | ଘାସର ନାମ | ମୃତ୍ତିକା | ଲଗାଇବା ସମୟ | ଆବଶ୍ୟକ ମାତ୍ରା (ଏକର ପ୍ରତି) | ଜଳସେଚନ | ଖତ ଓ ସାର (ଏକର ପ୍ରତି) | ପ୍ରଥମ କାଟିବା ସମୟ |
|---|---|---|---|---|---|---|---|
| ୧. | ମକା/ ଜୁଆର | ନିଗିଡ଼ା-ଦୋରସା ଉର୍ବର ମୃତ୍ତିକା | ଜୁନ୍-ସେପ୍ଟେମ୍ବର-ଜାନୁଆରୀ-ମାର୍ଚ୍ଚ | ୨୦ କି.ଗ୍ରା. | ବର୍ଷାଦିନେ ଆବଶ୍ୟକ ନାହିଁ ଶୀତଦିନେ ୫ ରୁ ୬ ଥର | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ ୧୦୦ କି.ଗ୍ରା ପଟାସ୍ - ୪୦ କି.ଗ୍ରା. | ବୁଣିବାର ୬୦ ଦିନରୁ ୯୦ ଦିନ ମଧ୍ୟରେ |
| ୨. | ବରଗୁଡ଼ି | ନିଗିଡ଼ା-ଦୋରସା ଉର୍ବର ମୃତ୍ତିକା | ମେ-ଜୁଲାଇ ଡିସେମ୍ବର-ଫେବ୍ରୁୟାରୀ | ୧୨ କି.ଗ୍ରା. | ବର୍ଷାଦିନେ ଆବଶ୍ୟକ ନାହିଁ ଶୀତଦିନେ - ୨ ରୁ ୩ ଥର | ଖତ - ୨ ଟ୍ରାକ୍ଟର ଡାଲା ସୁପର ଫସ୍‌ଫେଟ୍ ୩୦୦ କି.ଗ୍ରା. | ବୁଣିବାର ୨ ମାସ ପରେ |
| ୩. | ଓଟ୍ | ଦୋରସା-ମଟାଳ | ନଭେମ୍ବର-ଜାନୁୟାରୀ | ୩୦ କି.ଗ୍ରା. | ୪ ରୁ ୫ ଥର | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ - ୧୦୦ କି.ଗ୍ରା. ପଟାସ୍ - ୮୦ କି.ଗ୍ରା. | ବୁଣିବାର ୪୦-୫୦ ଦିନ ମଧ୍ୟରେ ୨-୩ ଥର କଟାଯାଇପାରେ |
| ୪. | ବରମିସ୍ | ଦୋରସା-ମଟାଳ ଏବଂ ନିଗିଡ଼ା | ଅକ୍ଟୋବର-ନଭେମ୍ବର | ୧୨ କି.ଗ୍ରା. | ପନ୍ଦର ଦିନରେ ଥରେ | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ - ୧୦୦ କି.ଗ୍ରା. ପଟାସ୍ - ୬୦ କି.ଗ୍ରା. | ବୁଣିବାର ୪୦ ଦିନ ପରେ ୪-୫ ଥର କଟାଯାଇପାରେ |
| ୫. | ବୁଜିଘାସ କଙ୍ଗୋ-ସିଗ୍‌ନାଲ୍ | ଦୋରସା, ମଟାଳ ନିଗିଡ଼ା ଜମି | ମେ-ଜୁନ୍ | ୫ କି.ଗ୍ରା. | ପ୍ରତି ପନ୍ଦର ଦିନରେ | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ - ୬୦ କି.ଗ୍ରା. ପଟାସ୍ - ୨୦ କି.ଗ୍ରା. | ବୁଣିବାର ୯୦ ଦିନ ପରେ ୨ ଥର କଟାଯାଇପାରେ । |
| ୬. | ପାରା | ସନ୍ତସନ୍ତିଆ ଓ ଖାଲୁଆ ଜମି | ଜୁନ୍‌ରୁ ନଭେମ୍ବର ମଧ୍ୟରେ | ୨୦,୦୦୦ ଘାସ ଖଣ୍ଡ | ଆବଶ୍ୟକ ଅନୁଯାୟୀ | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ - ୧୦୦ କି.ଗ୍ରା. ସୁପରଫସ୍‌ଫେଟ୍ ୫୦ କି.ଗ୍ରା. | ଲଗାଇବାର ୯୦ ଦିନ ପରେ ପ୍ରଥମ ଥର ତାପରେ ୪୦ ଦିନ ପରେ |
| ୭. | କୁପର୍ଣ୍ଣ | ବାଲିଆ, ଦୋରସା ନିଗିଡ଼ା | ଅକ୍ଟୋବରରୁ ଫେବ୍ରୁୟାରୀ | ୮ କି.ଗ୍ରା. | ପନ୍ଦର ଦିନରେ ଥରେ | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ - ୧୦୦ କି.ଗ୍ରା. ପଟାସ୍ - ୫୦ କି.ଗ୍ରା. | ବୁଣିବାର ୬୦ ଦିନ ପରେ |
| ୮. | ଷ୍ଟାଇଲୋ | ବାଲିଆ, ଦୋରସା | ଜୁନ୍-ଜୁଲାଇ | ୧୦ କି.ଗ୍ରା. | କମ୍ ପାଣି ଦରକାର କରେ | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ - ୫୦ କି.ଗ୍ରା. ସୁପର - ୧୦୦ କି.ଗ୍ରା. | ବୁଣିବାର ୯୦ ଦିନ ପରେ ତାପରେ ୪୫ ଦିନ ଅନ୍ତରରେ |
| ୯. | ଅଞ୍ଜନ | ବାଲିଆ, ଦୋରସା | ଜୁନ୍ ଶେଷଭାଗ | ୩-୫ କି.ଗ୍ରା. | କମ୍ ପାଣି ଦରକାର କରେ | ଖତ - ୨ ଟ୍ରାକ୍ଟର ଡାଲା ଯୁରିଆ - ୫୦ କି.ଗ୍ରା. ସୁପର - ୧୦ କି.ଗ୍ରା. | ବୁଣିବାର ୯୦ ଦିନ ପରେ ପରେ ପ୍ରତି ୫୦-୬୦ ଦିନରେ |

# ୟୁରିଆ ଉପଚାରିତ ନଡ଼ା/ପାଳ

ଆମ ରାଜ୍ୟରେ ବହୁଳ ଭାବରେ ଧାନ ଚାଷ କରାଯାଏ । ଧାନ ଅମଳ ପରେ ଯେଉଁ ନଡ଼ା/ପାଳ ମିଳେ ତାହାକୁ ଗାଈ ଗୋରୁମାନଙ୍କୁ ବର୍ଷସାରା ଖାଇବାକୁ ଦିଆଯାଇଥାଏ । ଏହି ନଡ଼ାରେ ଖାଦ୍ୟଗୁଣ ନଥିବାରୁ ଏହା ଗୋରୁ ଗାଈଙ୍କର କୌଣସି ଉପକାର କରିନଥାଏ । କେବଳ ପେଟ ପୂରାଇବା ପାଇଁ ପଶୁମାନେ ଏହାକୁ ଖାଇଥାନ୍ତି । ଯଦି ନଡ଼ାକୁ ୟୁରିଆ ଉପଚାର କରାଯାଏ ତେବେ ତାହା ଏକ ସୁସ୍ୱାଦୁ ଓ ପୁଷ୍ଟିକର ଖାଦ୍ୟରେ ପରିଣତ ହୋଇପାରିବ । ଏହି ଉପଚାରିତ ନଡ଼ାରେ ଶତକଡ଼ା ୪ ଭାଗ ସୁପାଚ୍ୟ ପୁଷ୍ଟିସାର ଓ ଶତକଡ଼ା ୪୬ ଭାଗରୁ ଶତକଡ଼ା ୫୫ ଭାଗ ସୁପାଚ୍ୟ ଖାଦ୍ୟସାର ମିଳିଥାଏ ।

## କିପରି ପ୍ରସ୍ତୁତ କରିବେ ଓ ଆବଶ୍ୟକ ଉପକରଣ

୧. ଧାନର ନଡ଼ା ପାଳ
୨. ୟୁରିଆ
୩. ଗୋଟିଏ ବାଲ୍ଟି
୪. ବଡ଼ ପାଣିଡ୍ରମ୍
୫. ପାଣି ବିଞ୍ଚିବା ଝରା
୬. ତାର ଜାଲି

## ପ୍ରସ୍ତୁତି

ଗୋଟିଏ ପକ୍କା ବା ଗୋବର ଲିପା ମାଟି ଚଟାଣ ଉପରେ ତାର ଜାଲିକୁ ଗୋଲେଇ କରି ବାନ୍ଧି ଦିଅନ୍ତୁ । ପ୍ରତି ୧୦୦ କି.ଗ୍ରା. ନଡ଼ା ବା ପାଳ ପାଇଁ ୪ କି.ଗ୍ରା. ୟୁରିଆକୁ ୩୦ ରୁ ୩୫ ଲିଟର ପାଣିରେ ମିଶାଇ ଏକ ଦ୍ରବଣ କରନ୍ତୁ । ତାର ଜାଲି ମଧ୍ୟରେ ୧୦୦ କି.ଗ୍ରା. ନଡ଼ାକୁ ଚାରିପାଞ୍ଚ ଭାଗ କରି ପରସ୍ତକୁ ପରସ୍ତ ବିଛାଯାଏ । ନଡ଼ା ଓ ଦ୍ରବଣ ପ୍ରୟୋଗ କରି, ପ୍ରତି ସ୍ତରକୁ ୟୁରିଆ ଦ୍ରବଣ ପକାଇବାପରେ ତା ଉପରେ ୪/୫ ଜଣ ଲୋକ ଚଢ଼ି ଚାପ ଦିଅନ୍ତୁ । ଏହିପରି ଭାବରେ ୧୦ ରୁ ୧୫ ଫୁଟ୍ ପର୍ଯ୍ୟନ୍ତ ନଡ଼ା ଗୋଟିଏ ଗଦାରେ ରଖି ତା ଉପରେ ସାଦା ନଡ଼ା ଦେଉଳିଆ କରି ଘୋଡ଼ାଇ ଦେଇ ତାର ଜାଲିଟିକୁ ଧୀରେ ବାହାର କରିନିଅନ୍ତୁ । ୨୧ ଦିନ ପରେ ଏହି ଗଦାରୁ ଆବଶ୍ୟକ ପରିମାଣରେ ନଡ଼ା ବା ପାଳ ବାହାର କରି ଅଧ ଘଣ୍ଟା ପରେ ପଶୁମାନଙ୍କୁ ଖାଇବାକୁ ଦିଅନ୍ତୁ ।

## ଉପକାରିତା

୧. ଅଧିକ ସୁସ୍ୱାଦୁ ଓ ସହଜରେ ହଜମ ହୁଏ ଏବଂ ନଷ୍ଟ ହୁଏ ନାହିଁ ।
୨. ତନ୍ତୁଜାତୀୟ ଖାଦ୍ୟ ହଜମରେ ସାହାଯ୍ୟ କରେ ।
୩. ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମ୍ ହୁଏ ଓ ଉତ୍ପାଦନ ବୃଦ୍ଧି କରାଏ ।
୪. ଏହି ଖାଦ୍ୟ ସାରାବର୍ଷ ପଶୁମାନଙ୍କୁ ମିଳିପାରିବ ।

## ସତର୍କତା

୧. ନଡ଼ା ବା ପାଳର ଆର୍ଦ୍ରତାକୁ ଦୃଷ୍ଟିରେ ରଖି ଦ୍ରବଣରେ ପାଣିର ପରିମାଣ ନିରୂପଣ କରାଯାଇଥାଏ ।
୨. ଏହି ନଡ଼ା କଅଁଳା ବାଛୁରୀ (୨ ରୁ ୩ ମାସ)ଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ।
୩. ୟୁରିଆ ଉପଚାରିତ ନଡ଼ାକୁ ବର୍ଷାରେ ଭିଜିବାକୁ ଦିଅନ୍ତୁ ନାହିଁ ।
୪. ଏହାର ବ୍ୟବହାର ପରେ ଯଦି ପଶୁଠାରେ କୌଣସି ପ୍ରତିକ୍ରିୟା ଯଥା ଫଳିଯିବା, କୁଣ୍ଡାଇହେବା ଆଦି ଲକ୍ଷଣ ଦେଖନ୍ତି ତେବେ ନଡ଼ା ଖାଇବା ବନ୍ଦ କରି ପଶୁ ଚିକିତ୍ସକଙ୍କର ପରାମର୍ଶ ନିଅନ୍ତୁ ।
୫. ଯଦି କୌଣସି କାରଣରୁ ନଡ଼ାରେ ଫିମ୍ପି ମାରିଥାଏ ତେବେ ପଶୁମାନଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ।

# ୟୁରିଆ ମୋଲାସେସ୍ ବ୍ଲକ୍

ୟୁରିଆ, ଗୁଡ଼, ଧାତବ ଲବଣ, କୃମି ନାଶକ ଓ ହଜମ କାରକ ଔଷଧ ଆଦିକୁ ଏକତ୍ର ମିଶାଇ ଇଟାପରି ଏକ ଖଣ୍ଡ ପ୍ରସ୍ତୁତ କରାଯାଉଅଛି । ଦୁଧିଆଳୀ ଗାଈମାନଙ୍କ ନିମନ୍ତେ ଏହା ବିଶେଷ ଉପଯୋଗୀ । ଏହି ଖଣ୍ଡକୁ ପଶୁର ମୁହଁ ପାଖରେ ଟାଙ୍ଗୀ ଦିଆଯାଇଥାଏ ବା ଏକ ପାତ୍ରରେ ପାଣି ନଲାଗିବା ଭଳି ଯାଗାରେ ଗାଈର ମୁହଁ ପାଖରେ ରଖାଯାଇଥାଏ । ପଶୁଟି ତାର ଇଚ୍ଛା ଅନୁସାରେ ଏହାକୁ ଜିଭରେ ଚାଟେ । ଏହାକୁ ଚାଟିବା ଦ୍ୱାରା ପଶୁର ହଜମ କ୍ରିୟା ବଢ଼େ ଓ ଏହା ମଧ୍ୟ କୃମିମାନଙ୍କୁ ବିନାଶ କରିଥାଏ । ଏଥିରୁ ପୁଷ୍ଟିସାର ଓ ଶ୍ୱେତସାର ଜାତୀୟ ଖାଦ୍ୟ ମିଳିଥାଏ । ଏହା ବ୍ୟବହାର ଦ୍ୱାରା ଦୁଗ୍ଧ ଉତ୍ପାଦନରେ ବୃଦ୍ଧି ଘଟେ ।

*ହୋଇଲେ ଗୋ ଜାତି ଉନ୍ନତି, ମେଣ୍ଟିବ ଲୋକଙ୍କ ଦୁର୍ଗତି*



